ସକାଳ THE SAKALA



# ଅସହାୟ ପରିବାରକୁ ଦୋକାନ ପାଇଁ ସହାୟତା

ଏରସମା, ୧୧।୨(ସମିସ)

ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଜାନକାଦେଇପୁର ପଞ୍ଚାୟତ ବଲଭଦ୍ରପୁର ଗ୍ରାମର ରାଜେନ୍ଦ୍ର ମହାନ୍ତି (୩୨) ଜନ୍ମରୁ ଅନ୍ଧ। ପରିବାର କହିଲେ ସ୍ତ୍ରୀ ଓ ଗୋଟିଏ ଛୋଟ ପୁଅ।

**ଭିକ୍ଷାବୃତ୍ତି ଛାଡ଼ି ସ୍ୱାବଲମ୍ବୀ ହେବାକୁ ପ୍ରବର୍ତ୍ତାଇଲେ**

ପିତା ବୈଷ୍ଣବ ମହାନ୍ତି ଦୀର୍ଘବର୍ଷ ହେଲା ପକ୍ଷାଘାତ ରୋଗରେ ଶଯ୍ୟାଶାୟୀ ଅଛନ୍ତି। ମାଆ ବାସନ୍ତୀ ମହାନ୍ତିଙ୍କ ବାର୍ଦ୍ଧକ୍ୟ ଅବସ୍ଥା। ପରିବାର ଚଳିବା ପାଇଁ ସରକାରଙ୍କ ତରଫରୁ ମିଳୁଥିବା ରାସନ ଓ ଭିନ୍ନକ୍ଷମ ଭତ୍ତା ଏକ ମାତ୍ର ରାହା। ଏଥିରେ ୫ପ୍ରାଣୀ ଚଳିବା ଅସମ୍ଭବ। ଯେଉଁଥି ପାଇଁ ବୁଢ଼ୀ



ମା ଓ ପୁଅ ଭିକ୍ଷା ବୃତ୍ତି ଆପଣେଇଛନ୍ତି। ଦିନେ ଏରସମା ବ୍ଲକ ପରିସରରେ ଭିକ୍ଷା ମାଗୁଥିବା ବ୍ୟାସ ଫାଉଣ୍ଡେସନର ସ୍ନେହମୟୀ ଆଚାର୍ଯ୍ୟ ଦେଖିଥିଲେ। ତା ପରେ ରାଜେନ୍ଦ୍ରଙ୍କ ପରିବାର ନିକଟରେ ପହଞ୍ଚି କିଛି ଆର୍ଥିକ ସହାୟତା ପ୍ରଦାନ କରିବା ସହ ବିଭିନ୍ନ ଗଣମାଧ୍ୟମରେ ଏହି ଅସହାୟ ପରିବାରକୁ ସହାୟତା ପାଇଁ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କୁ ଅନୁରୋଧ କରିଥିଲେ। ଖବର ପ୍ରସାରଣ ପରେ କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ଓଡ଼ିଶା ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏହି ଅସହାୟ ପରିବାରକୁ ସହାୟତା ମିଳିଛି। ରାଜେନ୍ଦ୍ରଙ୍କୁ ଭେଟି ଭିକ୍ଷା ବୃତ୍ତି ଛାଡ଼ି ଏକ ଦୋକାନ କରିବାକୁ ପ୍ରବର୍ତ୍ତାଇଥିଲେ। ତାଙ୍କୁ ଦୋକାନ କରିବା ପାଇଁ ବିସ୍କୁଟ, ମିକ୍ସଚର ଠାରୁ ଆରମ୍ଭ କରି ପରିବା ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ ଯୋଗାଇ ଦେଇ ନିଜ ଗୋଡରେ ଠିଆ ହେବାକୁ ପ୍ରବର୍ତ୍ତାଇଥିଲେ। ସାଇନ୍ ଫାଉଣ୍ଡେସନର ଏପରି କାମ ପାଇଁ ସ୍ଥାନୀୟ ଅଞ୍ଚଳରେ ସମାସେବିକା ସ୍ନେହମୟୀ ଆଚାର୍ଯ୍ୟା, ସାଇନ୍ ଫାଉଣ୍ଡେସନ ଟ୍ରଷ୍ଟ ସଦସ୍ୟ ନିହାର ରଞ୍ଜନ ବିଶ୍ୱାଳ, ସମୀର ବାୟା, ବାସୁଦେବ ମଲ୍ଲିକ, ତପନ ମହାନ୍ତି, ମଣିରାମ ସାହୁ ପ୍ରମୁଖ ପ୍ରଶଂସା କରିଛନ୍ତି।

## 'ମୋ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ନାଉଗାଁ, ୧୧।୨(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ଓ ଗଜରାଜପୁର ପଞ୍ଚାୟତରେ ରାଜ୍ୟ ସରକାରଙ୍କ ମୋ ଓଡ଼ିଶା ନବୀନ୍ ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଭୟ ପଞ୍ଚାୟତର ସରପଞ୍ଚ ମାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ତପନ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ଦିଲ୍ଲିପ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇଥିବା ବେଳେ ନୃତ୍ୟ ଓ ଗୀତ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡିକ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।

## ମା'ବାରଦେଇ ପୀଠରେ ଧନୁଯାତ୍ରା ମହୋତ୍ସବ



**ନାଉଗାଁ, ୧୧।୨(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତ ତେଣ୍ଟୋଇସ୍ଥିତ ମା'ବାରଦେଇ ପୀଠରେ ଦ୍ୱିତୀୟ ବାର୍ଷିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ପୂର୍ବତନ ଭେଷଜ ନିୟନ୍ତ୍ରକ ଡଃ ଏନ୍. ଏମ୍. ଦାସ, ସମ୍ମାନୀତ ଅତିଥିଭାବେ ଭୁବନେଶ୍ୱର -୨ ଉପ ଭେଷଜ ନିୟନ୍ତ୍ରକ ଡ. ସୁଦର୍ଶନ ବିଶ୍ୱାଳ, ଉକ୍ତ ପଞ୍ଚାୟତର ସରପଞ୍ଚ ଲକ୍ଷଣ ସ୍ୱାଇଁ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ପରିଡ଼ା ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କଳାକାରମାନଙ୍କ ଦ୍ୱାରା କଂସ ଦରବାରର ଆୟୋଜନ କରାଯାଇଥିବାବେଳେ ଏହାକୁ ଦେଖିବାକୁ ଶତାଧିକ ଲୋକଙ୍କ ଭିଡ ଜମିଥିଲା। ଏହି କାର୍ଯ୍ୟକ୍ରମ ଆଗାମି ୫ଦିନ ପର୍ଯ୍ୟନ୍ତ ଚାଲିବ। ମା'ବାରଦେଇ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଏହାର ପରିଚାଳନା କରୁଛନ୍ତି।

## ବାବୁଲି ପାଳଙ୍କ ସ୍ମୃତିଚାରଣ ସଭା



**ବିରିଡି, ୧୧।୨(ସମିସ):** ବିରିଡି ବ୍ଲକ ୨୨ ମୌଜା ବରେଡିଆ ପଞ୍ଚାୟତ ବରେଡିଆ ଗ୍ରାମର ବିଜେଡି କର୍ମୀ ସମସ୍ତଙ୍କ ଅତିପ୍ରିୟ ବାବୁଲି ପାଳଙ୍କ ଅକାଳ ବିୟୋଗ ଘଟିଥିଲା। ରବିବାର ତାଙ୍କ ବାସଭବନରେ ପରିବାର ଜ୍ଞାନ୍ତି ସ୍ୱଜନଙ୍କ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ସ୍ମୃତି ସଭାରେ ବିଧାୟକ ବିଜୟ ଶଙ୍କର ଦାସ, ଜିଲ୍ଲା ବିଜେଡି ସଭାପତି ରବିନାରାୟନ ଜେନା, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ପୂରଣ ସମବାୟ ସମିତିର ସଭାପତି ନନ୍ଦକିଶୋର ବସ୍ତିଆ, ପବିତ୍ର ପସାୟତ, ପ୍ରଦୀପ୍ତ ଭୁୟା, ସମିତି ସଭ୍ୟା ସସ୍ମିତା ଭୋଇ, ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ମଙ୍ଗୁଲି ସରପଞ୍ଚ ନିରଞ୍ଜନ ସେଠୀ, ସୁଦର୍ଶନ ବେହେରା, କାଳନ୍ଦି ବସ୍ତିଆ, ମିହିର ପଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଳଙ୍କ ତୈଳ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ସେ ଜଣେ ବିଜେଡି ଦଳର ସଚା ଓ ଅଗାଧଡିର କର୍ମୀ ଥିଲେ ବୋଲି ବକ୍ତବ୍ୟରେ କହିଥିଲେ।

## ମାନସ ମେମୋରିଆଲ କ୍ରିକେଟ୍; ଗ୍ରାମେଶ୍ୱର କ୍ରିକେଟ୍ କ୍ଲବ୍ ଚାମ୍ପିଅନ୍



ବାଲିକୁଦା, ୧୧।୨(ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ମା' ଅନ୍ଧାରେଇ ଡାଇମଣ୍ଡ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପଞ୍ଚମ ବାର୍ଷିକ ମାନସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମା' ବନ୍ଦରେଇ କ୍ରିକେଟ କ୍ଲବ ବନ୍ଦର ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୩୮ ରନ କରିଥିଲା। ଜବାବରେ ଗ୍ରାମେଶ୍ୱର କ୍ରିକେଟ କ୍ଲବ ବରଦିଆ ୯ ଓଭର ମଧ୍ୟରେ ୮ ଉଇକେଟ ହରାଇ ୩୯ ରନ କରି ବିଜୟୀ ହୋଇଥିଲା। ମ୍ୟାଚରେ ଉଭୟ ବୋଲିଂ ଓ ବ୍ୟାଟିଂରେ ସଫଳତା ପାଇଁ ବରଦିଆ ଟିମ୍‌ର ଅଧୀର ଦାସ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଭାବେ ବିବେଚିତ ହୋଇଥିଲେ। ଅମ୍ପାୟାର ଦାୟିତ୍ୱ ଶୁଭେନ୍ଦୁ ବିଶ୍ୱାଳ ଓ ସାଗର ବାହାଲିଆ ତୁଲାଇଥିବାବେଳେ ରାହୁଲ ରାଉତ ଓ ପ୍ରକାଶ ପରିଡ଼ା ସୋରର ଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାଜଶ୍ରୀ ଖଟୁଆ ଓ ସମ୍ମାନିତ ଅତିଥି ଭାବେ କାର୍ତ୍ତିକ ବେହେରା ଯୋଗ ଦେଇ ମାନସଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଉଭୟ ଚାମ୍ପିୟାନ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ।


## ସାହିତ୍ୟିକ ସାତକଡ଼ି ହୋତାଙ୍କ ବିୟୋଗରେ ଶୋକ

**ତିର୍ତ୍ତୋଲ, ୧୧।୨(ସମିସ):** ବିଶିଷ୍ଟ ସାହିତ୍ୟକ ତଥା ସାରଳାଦାସ ସ୍ମୃତି ସଂସଦର ସଭାପତି ସାତକୋଡି ହୋତାଙ୍କ ବିୟୋଗରେ ସାରଳାଦାସ ପ୍ରତିମୂର୍ତ୍ତି ନିର୍ମାଣ କମିଟିର ସଭାପତି ତଥା ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି, ଇଂ ସୁବାଷ ଚନ୍ଦ୍ର ସାହୁ, ଝଙ୍କଡ ସାହିତ୍ୟ ସଂସଦ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ଆଦିକବି ସାରଳାଦାସ ସାଂସ୍କୃତିକ ପରିଷଦର ସଭାପତି ବିରଜା ପ୍ରସନ୍ନ ପରିଡା, ସମ୍ପାଦକ ଚିତ୍ତରଞ୍ଜନ ପରିଜା, ସୂର୍ଯ୍ୟନାରାୟଣ ପରିଜା, ବିକାଶ ଚନ୍ଦ୍ର ପରିଜା, ଭାଗିରଥି ମହାନ୍ତି, ଅକ୍ଷୟ ମହାନ୍ତି, ସୁବ୍ରତ ଦାଶ, ଦେବବ୍ରତ ମହାନ୍ତି ପ୍ରମୁଖ ଗଭୀରେ ଶୋକବ୍ୟକ୍ତ କରିଛନ୍ତି। ଏଥିସହିତ ସାହିତ୍ୟଜ ଶ୍ରୀ ହୋତାଙ୍କୁ ସ୍ମରଣ କରି ସେ ତିର୍ତ୍ତୋଲ ନିକଟ କଟକ-ପାରାଦ୍ୱୀପ ରାସ୍ତାର ସାରଳାରୋଡ ଠାରେ ସାରଳାଦାସଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ।

## ବନ୍ଧୁକ ମୁନରେ ଲୁଟିନେଲେ ସୁନା ଓ ଟଙ୍କା

**କୁଜଙ୍ଗ, ୧୧।୨(ସମିସ):** କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ବନ୍ଧୁକ ଦେଖାଇ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଦୁର୍ବୃତ୍ତ ଲୁଟି ନେଇଥିବା କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ହସିଣା ୧୫ ନମ୍ବରଠାରେ ଘର କରି ରହୁଥିବା ପ୍ରଶାନ୍ତ ପାଣି ତାଙ୍କ ପତ୍ନୀ ଓ ୮ବର୍ଷର ପୁଅ ଖାଇପିଇ ଶୁକ୍ରବାର ରାତିରେ ଶୋଇଥିଲେ। ରାତି ସାଢେ ଗୋଟାଏରେ ଘରର ଗ୍ରୀଲ ତାଲା ଖୋଲି ମୁଖ୍ୟ କବାଟକୁ ତାଡି ଘର ଭିତରେ ୩ ଜଣ ଦୁର୍ବୃତ୍ତ ମୁହଁରେ ଗାମୁଛା ଓ କପଡ଼ା ବାନ୍ଧି ପଶିଥିଲେ। ଶବ୍ଦ ଶୁଣି ପ୍ରଶାନ୍ତ ଉଠି ଆସିବାରୁ ଜଣେ ଦୁର୍ବୃତ୍ତ ପ୍ରଶାନ୍ତଙ୍କ କାନ୍ଧକୁ ଏକ ଖଣ୍ଡା ସାହାଯ୍ୟରେ ଚୋଟ ମାରିବା ସାଙ୍ଗକୁ ତାଙ୍କ ପତ୍ନୀ ଓ ପୁଅ ମୁଣ୍ଡରେ ବନ୍ଧୁକ ଲଗାଇ ନୀରବରେ ଗୋଟିଏ ସ୍ଥାନରେ ଛିଡା ହେବାକୁ କହିଥିଲେ। ପ୍ରଶାନ୍ତ ପାଖରେ ଥିବା ମୋବାଇଲକୁ ମଧ୍ୟ ଛଡାଇ ନେଇଥିଲେ। ଏହାପରେ ଘରୁ ସବୁକିଛି ଲୁଟି ନେଇଥିଲେ।

## ସର୍ବଧର୍ମ ସମନ୍ୱୟ ବାଣୀ ପ୍ରଚାର ସଂଘର ଉତ୍ସବ



**ନାଉଗାଁ, ୧୧।୨(ସମିସ):** ମୁଗେଇସ୍ଥିତ ସର୍ବଧର୍ମ ସମନ୍ୱୟ ସତ୍ୟଧର୍ମ ବାଣୀ ପ୍ରଚାର ସଂଘ ଶାଖା ଆଶ୍ରମର ବାର୍ଷିକ ଉତ୍ସବ ଆଶ୍ରମର ସେବକ ବାବାଜୀ ଆତ୍ମାକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ଗୁରୁଦେବଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ପରେ ସେବିକା ସବିତା ଦାସ, ସଞ୍ଜୁକ୍ତା ବାରିକ, ଲତା ମା' ବନ୍ଦାପନା ଗୀତ ଗାନ କରିଥିଲେ।

ସ୍ୱତନ୍ତ୍ର ଧର୍ମ ସଭାରେ ପୁରୀ ଜିଲ୍ଲା ନୟାହାଟସ୍ଥିତ ପୀଠ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରର ଅଧ୍ୟକ୍ଷ ବାବାଜୀ ଦାମୋଦର ଦାସଙ୍କ ପୌରୋହିତ୍ୟରେ ସ୍ୱାମୀ ବିଶ୍ୱଆତ୍ମାନନ୍ଦ, ବାବାଜୀ ବାଳକାନନ୍ଦ ମହାରାଜ, ମହନ୍ତ ଦିବ୍ୟକୃଷ୍ଣ ଦାସ, ବାବାଜୀ ବିବେକାନନ୍ଦ ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ଡ. ରତ୍ନାକର ମହାନ୍ତି ଯୋଗଦେଇଥିଲେ। ସମସ୍ତଙ୍କର ଏକ ଗୁରୁ, ସମସ୍ତଙ୍କର ଏକ ଧର୍ମ ଯେଉଁ ମହାପୁରୁଷ ଏହି ଉକ୍ତିକୁ ପାଳନ କରି ଗଢି ତୋଳି ଦେଇଛନ୍ତି ସର୍ବଧର୍ମ ସମନ୍ୱୟ ପୀଠ, ସେହି ସନ୍ଥ ହେଉଛନ୍ତି ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ। ଏହି ବ୍ରତ ଆମେ ସମସ୍ତେ ପାଳନ କରିପାରିଲେ ସେହି ମହାତ୍ମାଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ମତବ୍ୟକ୍ତ କରିଥିଲେ। ୧୯୭୫ ମସିହାରେ ନାଉଗାଁ ଅଞ୍ଚଳକୁ ଗୁରୁଦେବ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଶୁଭ ଆଗମନ ହୋଇଥିଲା ବୋଲି ସେବକ ପ୍ରୀତିରଞ୍ଜନ ଦାସ ସୂଚନା ଦେଇଥିଲେ। ସର୍ବଶ୍ରୀ ବିଜୟ କୁମାର ରାୟ, ଶିକ୍ଷକ ଜୟକୃଷ୍ଣ ଲେଙ୍କା, କୃଷ୍ଣଚନ୍ଦ୍ର ମୁଦୁଲି, ନିତ୍ୟାନନ୍ଦ ଭାଇ, ବୁଲାକି ସେଠୀ ଓ ସ୍ମୃତିରଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏସ୍‌ଭିଏମ୍ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

**ଜଗତସିଂହପୁର, ୧୧।୨(ସମିସ):** ଏସଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୧ ତମ ପ୍ରତିଷ୍ଠା ଦିବସ ରବିବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ କଲେଜ ପରିଚାଳନା ସମିତିର ସଭାପତି ଡ. କମଳାପ୍ରସାଦ ମହାପତ୍ର ସଭାପତିତ୍ୱ କରିଥିଲେ। ଜଗତସିଂହପୁର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ମୁଖ୍ୟଅତିଥି ଭାବରେ ଯୋଗଦେଇ ମହାବିଦ୍ୟାଳୟର ଗୌରବ ଓ ଖ୍ୟାତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟକୁମାର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲେଜର ପୂର୍ବତନ ଅଧ୍ୟାପକ କେଦାର ବିଶ୍ୱାଳ, ବଂଶିଧର ଦାସ, ସରୋଜ ଚନ୍ଦ୍ର ସାହୁ, ପୂର୍ବତନ ଅଧ୍ୟକ୍ଷ ଅରବିନ୍ଦ ମୁଦୁଲି, କର୍ମଚାରୀ ରାଜକିଶୋର ମହାନ୍ତି, ମାଗୁଣି ଚରଣ ସେନାପତି ଓ ଫକୀର ମଳିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ



କରିଥିଲେ। ପୂର୍ବତନ ଅଧ୍ୟାପକ ଓକର୍ମଚାରୀମାନେ ସେମାନଙ୍କ ଅନୁଭୂତି ବର୍ଣ୍ଣନା. କରିଥିଲେ। ୨୦୨୨-୨୩ର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଯୁକ୍ତ ଦୁଇ ଅଧ୍ୟକ୍ଷ ଡ. ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ନିମିଡ଼ି ପ୍ରିମିୟର ଲିଗ୍; ନରେନ୍ଦ୍ରପୁର ଚାମ୍ପିଅନ




**ପାରାଦୀପ, ୧୧।୨(ସମିସ):** ନିମିଡ଼ି ପ୍ରିମିୟର ଲିଗ ସ୍ଥାନୀୟ ହନୁମାନ ମନ୍ଦିର ନିକଟ ନିମିଡ଼ି ଖେଳ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ ଆୟୋଜକ ନିମିଡ଼ି ଓ ନରେନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନରେନ୍ଦ୍ରପୁର କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ଉଇକେଟ ହରାଇ ୧୧୫ ରନ୍ କରିଥିଲା। ଜବାବରେ ଆୟୋଜକ ନିମିଡି କ୍ରିକେଟ ଟିମ ସମସ୍ତ ଉଇକେଟ ହରାଇ ୩୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚରେ ନରେନ୍ଦ୍ରପୁରର ତୋଫାନ ୨୬ ବଲ ବିନିମୟରେ ୭୧ ରନ ସଂଗ୍ରହ କରିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା ହୋଇଥିବା ବେଳେ ଆୟୋଜକ ଟିମ ନିମିଡ଼ିର ଜଗା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଂ ଶୁଭ୍ରାଂଶୁ ନାୟକ ଯୋଗ ଦେଇ ବିଜେତା ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାସ୍କର ସାହୁ, ମିଟୁ ରାଉତ ଓ ଲିଟୁନା ସାମଲ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଟିମ୍ ପକ୍ଷରୁ ରାଜେଶ ଚୌଧୁରୀ, ମହେଶ ରାଉତ, ସୋନୁ ସାହୁ, ଲିକୁ ମହାପାତ୍ର, ଗିଟୁ ରାଉତ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

## ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ



**ତିର୍ତ୍ତୋଲ, ୧୧।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର ପଞ୍ଚାୟତସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୧୯୯୧ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ତତ୍କାଳୀନ ଶିକ୍ଷକ ଶିକ୍ଷୟିତ୍ରୀ ଯଶୋବନ୍ତ ସାହୁ, ସୁରେନ୍ଦ୍ର ସାହୁ, ଉର୍ମିଳା ପଣ୍ଡା, ଗୋଲେଖ ଚରଣ ହୋତା, ସୌରୀ ସ୍ୱାଇଁ, ନାରାୟଣ ତ୍ରିପାଠୀ, ଗୋକୁଳ ଚନ୍ଦ୍ର ମେକାପ ମହେଶ୍ୱର ମାହାଳୀଙ୍କୁ ପୁରାତନ ଛାତ୍ରଛାତ୍ରୀମାନେ ପୂଜନ କରି ଆର୍ଶୀବାଦ ନେଇଥିଲେ। ପରେ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ରଞ୍ଜିତ କର, ଶଶୀକାନ୍ତ ରାଉତ, ଅଜୟ ବେହେରା, ସୌଭାଗ୍ୟ ସେଠୀ, ଅମ୍ବୁଜ ଦାସ, ଅମୁଲ୍ୟ ଦାସ, କଳ୍ପନା ସ୍ୱାଇଁ, ଅନୁରାଧା ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବତନ ସମିତିସଭ୍ୟଙ୍କ ମାତୃ ବିୟୋଗ



**ରଘୁନାଥପୁର, ୧୧।୨(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ପଞ୍ଚାୟତ ଅଚ୍ଯୁତପୁର ଗ୍ରାମର ଶରଳା ବାଳା ଦାସ (୭୦)ଙ୍କ ଶନିବାରରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ଶରଳାବାଳା ବିଜେଡି ଯୁବନେତା ତଥା ତାରାପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସରୋଜ କୁମାର ଦାସଙ୍କ ମାତା ଅଟନ୍ତି। ମହାନଦୀ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସରୋଜ ମୁଖାଗ୍ନି ଦେଇଥିଲେ।

## ଢିଙ୍କିଆ ପ୍ରିମିୟର ଲିଗ୍; ଗୋବିନ୍ଦପୁର ଚାମ୍ପିଅନ

ପାରାଦୀପ, ୧୧।୨(ସମିସ)

ଢ଼ିଙ୍କିଆ ପ୍ରିମିୟର ଲିଗ୍ ଆଜି ଜେଏସ୍‌ଡବ୍ଲୁର ନୂଆ ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ମା' ଫୁଲଖାଇ ଗ୍ରାମ୍ୟ କମିଟି ଢ଼ିଙ୍କିଆ ଏବଂ ସ୍ଥାନୀୟ ଯୁବକମାନଙ୍କ ସହଯୋଗ ରେ ବିଭିନ୍ନ ପଞ୍ଚାୟତର ୮ ଗୋଟି କ୍ରିକେଟ ଦଳକୁ ନେଇ ବନ୍ଧୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଏଥିରେ ଦୁଇ ଶ୍ରେଷ୍ଠ ଦଳ ଗୋବିନ୍ଦପୁର କ୍ରିକେଟ କ୍ଲବ ଏବଂ ନୂଆଗଡ଼ କ୍ରିକେଟ କ୍ଲବ ମଧ୍ୟରେ ଆଜିର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା।ପ୍ରଥମେ ଟସ ଜିତି ଗୋବିନ୍ଦପୁର କ୍ରିକେଟ କ୍ଲବ ବ୍ୟାଟିଂ କରି ନିର୍ଧାରିତ ୧୫ ଓଭରରେ ୯ ୱିକେଟ ହରାଇ ୧୧୩ ରନ୍ କରିଥିଲା। ଜବାବରେ ନୂଆଗଡ଼ କ୍ରିକେଟ କ୍ଲବ ତାର ସମସ୍ତ ଉଇକେଟ ହରାଇ ୯୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚରେ ସୁଶାନ୍ତ ନାୟକ ଶ୍ରେଷ୍ଠ



ଖେଳାଳି ଭାବେ ବିବେଚିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଜିତୁନା ଦାସ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦୁଇ ଦକ୍ଷ ଅମ୍ପାୟାର ପ୍ରଶାନ୍ତ ଲେଙ୍କା ଏବଂ ସଂଗ୍ରାମ ଲେଙ୍କା ମ୍ୟାଚ ପରିଚାଳନା କରୁଥିଲେ। ଉଦଯାପନୀ ଉତ୍ସବରେ ଶ୍ରେଷ୍ଠ ଖେଳାଳିଙ୍କୁ ଆଜିର ଅତିଥି ଟ୍ରଫି ପ୍ରଦାନ କରିଥିଲେ। ଅତିଥି ଭାବେ ଢ଼ିଙ୍କିଆ ସରପଞ୍ଚ କିଶୋର କୁମାର ପରିଡ଼ା, ଢ଼ିଙ୍କିଆ କୃଷି ସେବା ସମବାୟ ସମିତି ସଭାପତି ଅକ୍ଷୟ ବେହେରା ଏବଂ ଗ୍ରାମ୍ୟ କମିଟି ସଭାପତି ନୃସିଂହ ରାଉତ, ସୁଶିଳ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ଟିମ୍ ତରଫରୁ ସୁଶିଳ ସାହୁ ମ୍ୟାନେଜର, ମନୋରଞ୍ଜନ ସ୍ୱାଇଁ ( ଲିପୁ), ପପୁ ମନ୍ତ୍ରୀ, ନୂତନତ୍ୱ ଦାସ, କାହ୍ନା ଦାସ, ବିକାଶ ଦାସ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

ଚତୁର୍ଥ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଉଦ୍‌ଯାପିତ

# 'ସମାଜକୁ ରୁଦ୍ଧିମନ୍ତ ଓ ରଙ୍ଗମୟ କରେ ସାହିତ୍ୟ'

କେନ୍ଦ୍ରାପଡ଼ା, ୧୧।୨(ସମିସ):





କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାଞ୍ଚଳ ଆର୍‌ଡିସି ତଥା ବିଶିଷ୍ଟ କବି ରଞ୍ଜନ ଦାସ ଯୋଗଦେଇ କହିଥିଲେ ଯେ ସାହିତ୍ୟ ସମାଜକୁ ରୁଦ୍ଧିମନ୍ତ ଓ ରଙ୍ଗମୟ କରେ। ଜଣେ ସାହିତ୍ୟିକ ବା କବି ସୃଷ୍ଟିକୁ ସୌନ୍ଦର୍ଯ୍ୟମୟ କରାଏ। ପ୍ରତ୍ୟେକ ଲୋକ ନିଜସ୍ୱ ବାଟରେ ଆଗକୁ ଯାଆନ୍ତି। ତେବେ ସବୁ ପରିସ୍ଥିତିରେ ଜଣେ ମଣିଷ ନିଜ ହୃଦୟକୁ ସୁନ୍ଦର କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାସ କହିଥିଲେ। ମୁଖ୍ୟବକ୍ତାଭାବେ ଯୋଗ ଦେଇ ବରିଷ୍ଠ ପ୍ରଶାସକ ତଥା କବି ପ୍ରଦୀପ ବିଶ୍ୱାଳ କହିଥିଲେ, ସାହିତ୍ୟ ମଣିଷକୁ ଶକ୍ତି ଦେଇଛି, ଜୀବନକୁ ଅର୍ଥପୂର୍ଣ୍ଣ କରିଛି। ସାହିତ୍ୟ ବଞ୍ଚିବାକୁ ସାହାରା ଦିଏ ଓ ମାର୍ଗ ଦେଖାଏ। କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନର ଆବାହକ ଚୌଧୁରୀ ଅମିତାଭ ଦାସଙ୍କ ସଭାପତିତ୍ୱରେ ଏହି ସଭାରେ ପ୍ରଖ୍ୟାତ କଥାକାର ଡକ୍ଟର ରାମଚନ୍ଦ୍ର ବେହେରା ଉପସ୍ଥିତ ରହି ଉଦ୍‌ଯାପନୀ ଅଭିଭାଷଣ ପ୍ରଦାନ କରିଥିଲେ। କଥାକାର ତଥା କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସର ଉପଦେଷ୍ଟା ବିରଜା ରାଉତରାଏ ଉପସ୍ଥିତ ଥିଲେ। ଆଜି ଉତ୍ସବର ଦ୍ୱିତୀୟ ଦିବସରେ ସୁନନ୍ଦା ପ୍ରଧାନଙ୍କ ସଂଯୋଜନାରେ 'ଗପର ଗବାକ୍ଷ ବିବର୍ତ୍ତିତ ଗାଁ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ବିଷ୍ଣୁ ସାହୁ, ରବି ପଣ୍ଡା, ହିରଣ୍ମୟୀ ମିଶ୍ର, ପଦ୍ମକାନ୍ତ ଧଳ ଓ ନୀଳମଣି ଲେଙ୍କା ଭାଗ ନେଇଥିଲେ। ପରେ ନବଜ୍ୟୋତି ରାଏଙ୍କ ସଂଯୋଜନାରେ ଅଶାନ୍ତ ପୃଥିବୀ: କବିତାରେ "ପଦ୍ମତୋଳା" ଶୀର୍ଷକ ଆଲୋଚନାରେ ବିରଜା ବଳ, ଅଭୟ ନାୟକ, ପ୍ରେମାନନ୍ଦ ଖଣ୍ଡୁଆଳ, ପ୍ରମୋଦ ମଲ୍ଲିକ, ବାଦଲ ମହାନ୍ତି, ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ଭାଗ ନେଇଥିଲେ। ଏହି ଅବସରରେ ଆୟୋଜିତ ସାହିତ୍ୟ କୁଇଜ୍‌କୁ ପ୍ରତିଭାମୟୀ ଦାସ୍, ଆଶୁତୋଷ ରାଉତ, ଗିରିଜାକାନ୍ତ ଦାସ, ଶ୍ରୀଧର ବେହେରା ଓ ରାଜେଶ କୁମାର ସେଠୀ ପରିଚାଳନା କରିଥିଲେ। ମମତା ଶତପଥୀଙ୍କ ପୁସ୍ତକ "ନିର୍ବାଣ" ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ସହିତ୍ୟିକ ସାତକଡି ହୋତାଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା। କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନର କର୍ମକର୍ତ୍ତା ଅଂଶୁମାନ ପଟ୍ଟନାୟକ, ବିଶ୍ୱରଞ୍ଜନ ଦାସ କେମ୍‌ର ସମ୍ପାଦକ, ମହମ୍ମଦ ଜାହିଦ୍ ଖାନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ସାତକୋଡି ହୋତାଙ୍କ ଦେହାନ୍ତରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ୯ ଶହ ଲିଟର ଡିଜେଲ ଜବତ; ୨ ଗିରଫ



ମାର୍ଶାଘାଇ, ୧୧।୨(ସମିସ): ମାର୍ଶାଘାଇ ଥାନା ଅଞ୍ଚଳ କ୍ରସିଂ-ଅଙ୍ଗୁଳାଇ ରାସ୍ତାର କଳାପୋଲ ନିକଟରେ ପୁଲିସ ପେଟ୍ରୋଲିଂ କରୁଥିବାବେଳେ ଏକ ଅଟୋରେ ବେଆଇନ୍ ସାମଗ୍ରୀ ଯାଉଥିବା ସନ୍ଦେହ କରି ଏସ୍‌ଆଇ ପ୍ରୀତିଲତା ଲାଲ ଏମ୍‌ଭି ଚେକିଂ କରିବାକୁ ଅଟୋକୁ ଅଟକିବାକୁ ସିଗ୍‌ନାଲ ଦେଇଥିଲେ। ଅଟୋ ପୁଲିସ ଆଦେଶକୁ ନମାନି ଅଙ୍ଗୁଳାଇଛକ ଆଡକୁ ଚାଲିଯାଇଥିଲା। ପୁଲିସ ଅଟୋକୁ ପିଛାକରି କାବୁ କରିଥିଲା। ଉକ୍ତ ଅଟୋରେ ୫୦ଲିଟର ବିଶିଷ୍ଟ ୧୮ ଟି ପ୍ଲାଷ୍ଟିକ୍ ଜାରରେ ବେଆଇନ୍ ଭାବେ ୯ ଶହ ଲିଟର ଡିଜେଲ ଚୋରା ଚାଲାଣ କରାଯାଉଥିଲା। ପୁଲିସ ଟିମ୍ ଚୋରା ଡିଜେଲ ଜବତ କରିବା ସହ ବ୍ୟବହୃତ ଅଟୋ ଓ ୨ଜଣ ଚୋରା ତେଲ ମାଫିଆ ଡେରାବିଶ ଥାନା ଶ୍ୟାମସନ୍ଦରପୁର ବିନୋଦ ମଲ୍ଲିକ୍, ନୁଆସାହି ଦାଶରଥୀ ମଲ୍ଲିକ୍(୪୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଏଲ. ବି ସାହୁ କହିଛନ୍ତି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



ଡେରାବିଶ, ୧୧।୨(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ସଫଳ ରୂପାୟନ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକ ଅଧ୍ୟକ୍ଷତା କରି ପଞ୍ଚାୟତ ଅଞ୍ଚଳରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ହୋଇଥିବା ୧୩ଟି ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ଦାସରଥି ଜେନା, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ଏବିଡ଼ିଓ ଭଞ୍ଜ କିଶୋର ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଶ୍ମି ଦେବୀ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଚିତ୍ତରଞ୍ଜନ ରାଉତ, ଜିଆରଏସ୍ ଅନିରୁଦ୍ଧ ମଲିକ, ନିଖିଳେଶ ମହାନ୍ତି ଓ ସମସ୍ତ ୱାର୍ଡ଼ସଭ୍ୟ ସଭ୍ୟା ପରିଚାଳନା କରିଥିଲେ।

## ଯୁବ, ଛାତ୍ର ଓ ସାମାଜିକ ଗଣମାଧ୍ୟମ ସମାବେଶ




ଡେରାବିଶ, ୧୧।୨(ସମିସ): ନିର୍ବାଚନ ଆଉମାତ୍ର କେଇମାସ ଥିବା ବେଳେ ଡେରାବିଶ ବ୍ଲକ ଅଞ୍ଚଳରେ ବିଭିନ୍ନ ରାଜନୈତିକ ଦଳ ତରଫରୁ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ବିଶେଷ କରି ଶାସକ ବିଜେଡ଼ି ଦଳ ପକ୍ଷରୁ ଗତ ଏକସପ୍ତାହ ହେବ ବିଭିନ୍ନ ପଞ୍ଚାୟତ ଗୁଡ଼ିକରେ ଦଳୀୟ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ଆଜି ବ୍ଲକ ଅଧୀନସ୍ଥ ପଲେଇ ପଞ୍ଚାୟତ ଡଗରପଡ଼ିଆ ଠାରେ ଡେରାବିଶ ବ୍ଲକସ୍ତରୀୟ ଯୁବ ଛାତ୍ର ଓ ସାମାଜିକ ଗଣମାଧ୍ୟମ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡ଼ି ସଭାପତି ଗୋଲଖ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିକାଶ ପାଇଁ ଯୁବକ ଓ ଛାତ୍ରମାନଙ୍କୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ 'ନୂଆ-ଓ ଯୁବ ଓଡ଼ିଶା' ନବୀନ ଓଡ଼ିଶା ମାଧ୍ୟମରେ ଛାତ୍ର ଓ ଯୁବକମାନଙ୍କୁ ଅଧିକ ପ୍ରୋତ୍ସାହିତ କରିବା ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ପଦକ୍ଷେପ ବୋଲି କହିଥିଲେ। ବିଶେଷ କରି ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ପଞ୍ଚାୟତ ଗୁଡ଼ିକର ସମୃଦ୍ଧି ମୁଖ୍ୟମନ୍ତ୍ରୀଙ୍କ ବୈପ୍ଳବିକ ଚିନ୍ତାଧାରା ବୋଲି ଶ୍ରୀ ଅଗ୍ରୱାଲ ତାଙ୍କ ବକ୍ତବ୍ୟରେ କହିଥିଲେ। ୨୦୨୪ ସାଧାରଣ ନିର୍ବାଚନ ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ନିର୍ବାଚନ ପୂର୍ବରୁ କିଭଳି ପ୍ରତ୍ୟେକ ପରିବାରରେ ପହଞ୍ଚିବ ସେ ନେଇ ସମସ୍ତ ଦଳୀୟ କର୍ମୀ ଓ ଯୁବଛାତ୍ର ଓ ଦଳର ମିଡ଼ିଆ ସେଲ୍‌ଫର ଭୂମିକା ଅଧିକ ଗୁରୁତ୍ୱ ବହନ କରୁଥିବା କହିଥିଲେ। ସଭାରେ ଯୁବନେତା ଯୋଗାନନ୍ଦ ମହାନ୍ତି, ବ୍ଲକ ବିଜେଡ଼ି ମିଡ଼ିଆ ସେଲ୍‌ଫ ସଭାପତି ପ୍ରଶାନ୍ତ ସାମନ୍ତରାୟ, ସୁଦୀପ୍ତ କେଶରୀ ସାମଲ, ବିଜେଡ଼ି ଉପସଭାପତି ଶ୍ରୀମନ୍ତ ରାଉତରାୟ, ଜିଲ୍ଲା ଛାତ୍ର ବିଜେଡ଼ି ଉପସଭାପତି ଅଭିଜିତ ସିଂ, ବ୍ଲକ ଛାତ୍ର ବିଜେଡ଼ି ସଭାପତି ଜ୍ଞାନରନ କର, ତ୍ରିଲୋଚନ ରାଉତ, ଜୟନ୍ତ ଶତପଥି, ବୈଷ୍ଣବ ଚରଣ ସାହୁ, ପଲେଇ ସରପଞ୍ଚ ଅକ୍ଷୟ ସାହୁଙ୍କ ସମେତ ଦଳର ବହୁ ଆଗଧାଡ଼ିର କର୍ମୀ ଉପସ୍ଥିତ ଥିଲେ।

## ରାସ୍ତାରୁ ଉଦ୍ଧାର ବ୍ୟକ୍ତିଙ୍କ ମୃତ୍ୟୁ; ହତ୍ୟା ସନ୍ଦେହ

ରାଜକନିକା, ୧୧।୨(ସମିସ): ରାଜକନିକା ଥାନା ଅନ୍ତର୍ଗତ ଇଟାପୋଖରୀ ଗାଁର ବିଚିତ୍ର ବେହେରା (୬୦)ଙ୍କର ରବିବାର କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ବିଚିତ୍ର ଗତ ଶୁକ୍ରବାର ରାତିରୁ କୋଇଲିପୁର ନୂଆ ମେଡିକାଲ ରାସ୍ତା ପାଖରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ସାହାଯ୍ୟରେ ପ୍ରଥମେ ରାଜକନିକା ଓ ପରେ କଟକ ମେଡିକାଲ ସ୍ଥାନାନ୍ତର କରିଥିଲେ। ଚିକିତ୍ସା ଚାଲିଥିବାବେଳେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ବିଚିତ୍ର ଓ କଣ୍ଟିପୋଖରୀର କମଳାକାନ୍ତ ଶୁକ୍ରବାର ସନ୍ଧ୍ୟାରେ କୋଇଲିପୁରର ନୂଆ ମେଡିକାଲ ଆଡ଼କୁ ସେହି ଛକରେ ସାଇକେଲ ରଖି ଚାଲି ଚାଲି ଯାଉଥିବା ଲୋକେ ଦେଖିଥିଲେ। ମାତ୍ର କମଳାକାନ୍ତ ଏକା ଫେରି ଆସିଥିବା ବେଳେ ବିଚିତ୍ର ଫେରିନଥିଲେ। ତା ପରଦିନ ସକାଳେ ରାସ୍ତା କଡ଼ରେ ବିଚିତ୍ର ପଡ଼ିଥିବା ଦେଖିଥିଲେ। ମୃତ ବିଚିତ୍ରଙ୍କ ସ୍ତ୍ରୀ ଦମୟନ୍ତୀ ବେହେରା କମଳାକାନ୍ତଙ୍କୁ ସନ୍ଦେହ କରି ରାଜକନିକା ଥାନାରେ ଲିଖିତ ଏତଲା ଦେଇଛନ୍ତି।

## ସୁଦୀପ୍ତ ସାମଲଙ୍କୁ ଦଳୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱ



ପଞ୍ଚୁପାଣ୍ଡବ, ୧୧।୨(ସମିସ): ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ସୁଦୀପ୍ତ ସାମଲଙ୍କୁ ଜଗତସିଂହପୁର ଜିଲ୍ଲାର ଦଳୀୟ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ବିଜୁ ଜନତା ଦଳ ପକ୍ଷରୁ ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତି କରିଥିବା ନେଇ ଏକ ପ୍ରେସ ବିଜ୍ଞପ୍ତିରେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଘୋଷଣା କରିଛନ୍ତି। ଏହି ନିଯୁକ୍ତି ପାଇଁ ଶ୍ରୀ ସାମଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କୁ କୃତଜ୍ଞତା ଜଣାଇଛନ୍ତି।

• ନଳିନୀ ମହାନ୍ତି ସ୍ମୃତି କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମଦନପୁରକୁ ହରାଇ ସେମିରେ କଟକ

ରାଜନଗର, ୧୧।୨(ସମିସ): ରାଜନଗର ବ୍ଲକ ଫିରିକିଦାଣ୍ଡିସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ୯ମ ନଳିନୀକାନ୍ତ ମହାନ୍ତି ସ୍ମୃତି କ୍ରିକେଟ ଟୁର୍ଣ୍ଣାମେଟର ରବିବାର ୩ୟ କ୍ୱାର୍ଟର ଫାଇନାଲ ଆରସିସି କଟକ ସହିତ ଏମ୍‌ସିସି ମଦନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଆରସିସି କଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୫୭ ରନ୍ କରିଥିଲା। ଅଧିନାୟକ ଅଶ୍ୱିନୀ ୩୨ଟି ବଲରେ ୧୦ଟି ଚୌକା, ୫ଟି ଛକା ସହାୟତାରେ ୭୭ ରନ କରିଥିଲେ। ୨୫୮ ରନ୍‌ର ବିଜୟ ଲକ୍ଷ ନେଇ ପଡ଼ିଆକୁ ଓହ୍ଲାଇଥିବା ଏମସିସି ମଦନପୁର ୧୪ ଓଭରରେ ମସସ୍ତ ଉଇକେଟ ହରାଇ ୫୭ ରନ କରି ପରାଜିତ ହୋଇଥିଲା। ଅତିଥି ଭାବେ ସଂସାରଫଳ ପଞ୍ଚାୟତ ସମିତିସଭ୍ୟ ପର୍ଶୁରାମ ବେହେରା, ଯୁବନେତା ବିକ୍ରମ ବାରିକ ଯୋଗଦେଇ ଆରସିସି କଟକର ଅଧିନାୟକ ଅଶ୍ୱିନୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ପଞ୍ଚୁପାଣ୍ଡବ ସହିତ ନିମପୁର ଜଗତପୁର ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

ବେଲପାଳ ଗାଁ ଉତ୍ସବମୁଖର

## ମା'ରଟନ୍ତି କାଳୀପୂଜାରେ ଶକ୍ତିପୀଠ ଚଳଚଞ୍ଚଳ



ରାଜନଗର, ୧୧।୨(ସମିସ): ରାଜନଗର ବ୍ଲକ ବେଲପାଳସ୍ଥିତ ଅନ୍ୟତମ ସର୍ବପ୍ରାଚୀନ ଶକ୍ତିପୀଠରେ ମା'ରଟନ୍ତୀ କାଳୀପୂଜା ଆରମ୍ଭ ହୋଇଛି। ୭ ତାରିଖ ଦିନ ଅଧିବାସ ପରେ ୮ ତାରିଖ ଦିନ ମା'ଙ୍କ ଚକ୍ଷୁଦାନ ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏହି ଉତ୍ସବ ୭ଦିନ ବ୍ୟାପି ଚାଲିବ। ଏଥିପାଇଁ ଶକ୍ତିପୀଠରେ ମା'ରଟନ୍ତୀକାଳୀ କାଳଭୈରବୀ ବେଶରେ ତ୍ରିବେଣୀ ଅମାବାସ୍ୟାର ନିଶାର୍ଦ୍ଧ ରାତିରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପୂଜକମାନେ ଷୋଡଶ ଉପଚାର ସହିତ ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ପ୍ରାଣ ସ୍ୱର୍ଶ ଦେଇଛନ୍ତି। ବେଲପାଳ ସମେତ ବନ୍ଧପାଟଣା, ଓସ୍ତିଆ, ଭଗବାନପୁର, ବାଲିକଣା, ନଗଡ଼, ନଳଦିଆ, ଚନ୍ଦନପୁର, ରାଜପୁର ପ୍ରଭୃତି ୨୨ ମୌଜାର ଶତାଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ଲାଭ କରୁଛନ୍ତି।

ଲୋକକଥା ଅନୁସାରେ ୭୧ବର୍ଷ ତଳେ ଏହି ଗ୍ରାମରେ ମହାମାରୀ ହଇଜାର ତାଣ୍ଡବରେ ଶହ ଶହ ଲୋକ ମୃତ୍ୟୁ ମୁଖରେ ପଡ଼ିଥିଲେ। ଭୟର ଆତଙ୍କ ଦେଖାଦେଇଥିବା ବେଳେ ଗ୍ରାମର ୭ ବର୍ଷର ବାଳକ ବିଷ୍ଣୁଚରଣ ପ୍ରଧାନଙ୍କ ସ୍ୱପ୍ନାଦେଶ ଅନୁସାରେ ମା'ଙ୍କୁ ନିଷ୍ଠାର ସହ ପୂଜା ନୈବେଦ୍ୟ ମଧ୍ୟରେ ଆରାଧନା କଲେ ମହାମାରୀ ଦୂର ହେବ ବୋଲି ଚେତାଇ ଦେଇଥିଲେ। ବିଷ୍ଣୁଙ୍କ କହିବା ଅନୁସାରେ ପରବର୍ତ୍ତୀ ସମୟରେ ଗାଁ ଲୋକେ ଗାଁ ମୁଣ୍ଡରେ ଥିବା ଶ୍ମଶାନରେ ରୁଣ୍ଡ ହୋଇଥିଲେ। ମା'ଙ୍କ ସ୍ୱପ୍ନାଦେଶ ବଳରେ କୁଢ କୁଢ ଶବ ମଧ୍ୟରେ ନିର୍ଦ୍ଦିଷ୍ଟ ସ୍ଥାନଟିକୁ ବିଷ୍ଣୁ ଚିହ୍ନାଇ ଥିଲେ। ଗାଁ ଲୋକେ ମା'ଙ୍କୁ ଆରାଧନା କରି ପୂଜାର୍ଚ୍ଚନା କରିବା ପରେ ମହାମାରୀ ଦୂର ହୋଇଥିଲା। ଏହି ବିଶ୍ୱାସକୁ ଆଧାର କରି ସେବେଠାରୁ ବେଲପାଳ ଗ୍ରାମରେ ମା'ରଟନ୍ତୀ କାଳିପୂଜା ଅନୁଷ୍ଠିତ ହେଉଛି।

## ଗାଁ ସାଥି(ମେଟ୍) ସଂଘ ପକ୍ଷରୁ ସମାବେଶ ପାଇଁ ପ୍ରସ୍ତୁତି



କେନ୍ଦ୍ରାପଡ଼ା, ୧୧।୨(ସମିସ): ଗାଁ ସାଥି(ମେଟ୍) ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ବିଶାଳ ସମାବେଶ ନିମନ୍ତେ ରବିବାର ପ୍ରସ୍ତୁତି ବୈଠକ ଗରାପୁରସ୍ଥିତ ଗୋପାଳଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ଅନିଲ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଙ୍ଘର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାବି ବିଷୟରେ ଆଲୋଚନା କରାଯାଇଥିଲା।
ସେହି ଅନୁଯାଇ କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ୧୮ ତାରିଖ ରବିବାର ପୂର୍ବାହ୍ନରେ ଗରାପୁରସ୍ଥିତ ଶ୍ରୀଗୋପାଳଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ବିଶାଳ ସମାବେଶ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମାବେଶରେ ସଙ୍ଘର ରାଜ୍ୟ ନେତୃତ୍ୱମାନଙ୍କ ସହିତ ଜିଲ୍ଲା ସଙ୍ଘର ନେତୃମଣ୍ଡଳୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମାବେଶକୁ ସଫଳ କରାଯିବା ନିମନ୍ତେ ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କୁ ନିବେଦନ କରାଯାଇଛି। ବୈଠକରେ ପ୍ରଶାନ୍ତ କୁମାର ଦାସ, ହରେକୃଷ୍ଣ ମହାପାତ୍ର, ମାନସୀ ନାୟକ, ଅଜୟ କୁମାର ମହାପାତ୍ର, ମନୋଜ କୁମାର ସୁତାର, କୈଳାସ କୁମାର ପ୍ରଧାନ, ଉପେନ୍ଦ୍ର କୁମାର ସାହୁ, କବିର କୁମାର ବସନ୍ତିଆ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପାୟଲ ମ୍ୟୁଜିକ୍ ସ୍କୁଲର ଗ୍ରାମୀଣ ମହୋତ୍ସବ



ନିକିରାଇ, ୧୧।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପାୟଲ ମ୍ୟୁଜିକ୍ ସ୍କୁଲର ଏକବିଂଶତମ ଗ୍ରାମୀଣ ମହୋତ୍ସବ ଦୁଇଦିନ ବ୍ୟାପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସଭାପତି ନୀଳମାଧବ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ଡା. ଗଜେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପିକା ଗୁରୁ ଭାରତୀ ଜେନା, ଓଡିଶୀ ନୃତ୍ୟଗୁରୁ ସୁଜାତା ବେହେରା, ବରିଷ୍ଠ ସଙ୍ଗୀତଗୁରୁ ପ୍ରଶାନ୍ତ କୁମାର ସାମଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଇନ୍ଦୁପୁରର ସରପଞ୍ଚ ପ୍ରଦୀପ୍ତ ରଞ୍ଜନ ସୂତାର, ସମିତି ସଭ୍ୟା ସୁନନ୍ଦା ମଲିକ ଏବଂ ୫ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସୁଶ୍ରୀ ଲଳିତା ଦାସ ପ୍ରମୁଖ ଯୋଗ ଦେଇ ପାୟଲ୍ ମ୍ୟୁଜିକ୍ ସ୍କୁଲର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏବଂ କବି ପ୍ରଦୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ସଙ୍ଗୀତଗୁରୁ ଭାସ୍କର ଚନ୍ଦ୍ର ବେହେରା, ନୃତ୍ୟଗୁରୁ ଦୀପକ କୁମାର ନନ୍ଦୀ ଓ ଦିଲ୍ଲୀପ କୁମାର ଜେନା, ତବଲା ଗୁରୁ ସୁଶୀଲ ସେନ, ଚିତ୍ରକଳା ଗୁରୁ ପୁଷ୍ପାଞ୍ଜଳି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରମୋଦ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ସହକାରୀ ପ୍ରଫେସର ଡା ରବିନାରାୟଣ ପଣ୍ଡା, ମୁଖ୍ୟବକ୍ତା ଭାବରେ ବରିଷ୍ଠ ପାଲାଗାୟକ ଜ୍ଞାନପ୍ରିୟ କାନୁନଗୋ ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବରେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ, ସମ୍ମାନୀତ ଅତିଥି ଭାବେ ଗୀତିକାର କୁମାର ଲିଟନ ଯୋଗଦେଇଥିଲେ। ଶେଷରେ ଓଡିଆ ଅଧ୍ୟାପକ ଡ. ସଂଗ୍ରାମ କେଶରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷ ଦିନରେ ଓଡିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଗଡ଼ନାୟକ, ହାସ୍ୟ ଅଭିନେତା ଡାଙ୍ଗ, ଦୀପ୍ତି, ଧାରାବାହିକ ନାୟକ ସୋମ୍ ଓ କୁମାର ଲିଟନ ପ୍ରମୁଖ ଯୋଗଦେଇ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ପରାଗ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

## 'ଲେଖକ କଲମ ଚାଳନା ଅବ୍ୟାହତ ରଖିବା ଉଚିତ୍'

ଆଳି, ୧୧।୨(ସମିସ):



ଲେଖକ ମାନେ ଛପା ଅକ୍ଷରରେ ନିଜ ନାମ ଛପା ଯାଇଛି କି ନାହିଁ ନ ଦେଖି କଲମ ଚାଳନା ଅବ୍ୟାହତ ରଖିବା ଉଚିତ ବୋଲି ପରାଗ ସାହିତ୍ୟ ସଂସଦର ୪୨ ତମ ବାର୍ଷିକ ଉତ୍ସବରେ ଅତିଥିମାନେ କହିଛନ୍ତି। ପରାଗ ସାହିତ୍ୟ ସଂସଦର ସଭାପତି ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ରବିବାର ପୂର୍ବାହ୍ନରେ ଆଳି ବ୍ଲକ ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବରେ ଗାଳ୍ପିକ ଇଂ ଅଜୟ କୁମାର ମହାପାତ୍ର ଯୋଗଦେଇ ଲେଖକମାନେ ଛପା ଅକ୍ଷରରେ ନିଜ ନାମ ଛପା ଯାଇଛି କି ନାହିଁ ନ ଦେଖି ନିଜର କଲମ ଚାଳନା ଅବ୍ୟାହତ ରଖିବା ଉଚିତ। ଲେଖା କିଏ ଛାପିବ ନ ଛାପିବ ଲେଖକ ସେଥିପ୍ରତି ଦୃଷ୍ଟି ଦେବା ଉଚିତ ନୁହେଁ। ଲେଖିବା ଲେଖକର କର୍ତ୍ତବ୍ୟ। ସେ ବେଳେ ବେଳେ ଏମିତି ଲେଖା ଲେଖିବ ଯେ ତାହା ଦିନେ କାଳଜୟୀ ହେବ ବୋଲି କହିଥିଲେ।

ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଶିଷ୍ଟ କବି ତଥା ପାହାଚ ପତ୍ରିକା ସମ୍ପାଦକ କମଳ କୁମାର ମହାନ୍ତି ଗ୍ରାମାଞ୍ଚଳରେ ସାହିତ୍ୟ ଅଧିକ ରୁଦ୍ଧିମନ୍ତ। ପରାଗ ପରି ଅନେକ ପତ୍ରିକା ଗ୍ରାମାଞ୍ଚଳ ରୁ ପ୍ରକାଶିତ ହେଉଥିଲେ ବି ସେଗୁଡିକ ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକାର ମାନ୍ୟତା ପାଉଛନ୍ତି ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବରେ ପକ୍ଷୀଘର ସାହିତ୍ୟ ପତ୍ରିକା ପ୍ରକାଶନର ସଂସ୍ଥା ମୁଖ୍ୟ ବନୋଜ ତ୍ରିପାଠୀ କହିଲେ, ସାହିତ୍ୟିକ ସାମ୍ପ୍ରତିକ ଅବସ୍ଥାକୁ ନେଇ ଲେଖିଲେ ଶହେ ବର୍ଷ ପରେ ଫକୀର ମୋହନ ସେନାପତିଙ୍କ ରେବତୀ ଲେଖା ପରି ଚମତ୍କୃତ ହୋଇପାରିବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗାଳ୍ପିକ ପ୍ରଦୀପ ନାୟକ ଯୋଗ ଦେଇଥିଲେ।

ଏହି ଅବସରରେ ଗାଳ୍ପିକା ଡଃ ମମତାମୟୀ ଚୌଧୁରୀଙ୍କୁ ସ୍ୱତନ୍ତ୍ର ପରାଗ ସମ୍ମାନ, ଗାଳ୍ପିକ ଚନ୍ଦ୍ର ମୋହନ ମହାପାତ୍ରଙ୍କୁ ପରାଗ ଗଳ୍ପ ସମ୍ମାନ, ରାଜୀବ ଗୋପାଳ ସ୍ୱାଇଁଙ୍କୁ ପରାଗ ଗଳ୍ପ ସମ୍ମାନ, ଡ. ଲାଟେନ୍ଦୁ ସାହୁଙ୍କୁ ପରାଗ ଉପନ୍ୟାସ ସମ୍ମାନ, କବି କିଶୋର ମିଶ୍ରଙ୍କୁ ପରାଗ କବିତା ସମ୍ମାନ, ଗୀତି କବି ବିପିନ ମହାନ୍ତିଙ୍କୁ ପରାଗ ଗୀତିକବି ସମ୍ମାନ, କବି ଉମାକାନ୍ତ ରାଉତ ଓ ଡ. ଗୋପାଳ କୃଷ୍ଣ ଆଚାର୍ଯ୍ୟଙ୍କୁ ପରାଗ ସଫଳ ସାହିତ୍ୟିକ ସମ୍ମାନରେ ଓ ସନିଭା ମିଶ୍ର ଦାଶଙ୍କୁ ପରାଗ ବଣମଲ୍ଲୀ ସମ୍ମାନରେ ଅତିଥି ମାନେ ମାନପତ୍ର, ଉତ୍ତରୀୟ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ରାଜ୍ୟସ୍ତରୀୟ ଏକ କବିତା ପାଠୋତ୍ସବ କବି ଅଶୋକ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କବି ଶୈଳେନ୍ଦ୍ର ନାଥ ଦାସ ଓ କବି ନିରଞ୍ଜନ ବେହେରା ସଂଯୋଜନା କରିଥିଲେ।

## ବେଆଇନ ଇଟାଭାଟିରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ୫ ଭାଟିକୁ ପ୍ରଶାସନ ଉଚ୍ଛେଦ କଲା, ଭାଙ୍ଗିଲା ୫ ଲକ୍ଷ ଇଟା

ଢେଙ୍କାନାଳ/ଓଡାପଡ଼ା, ୧୧।୨(ସମିସ): ଢେଙ୍କାନାଳ ଜିଲ୍ଲାର କଣ୍ଟାବଣିଆ ଥାନା କମଲାଙ୍ଗ ଗ୍ରାମ ବ୍ରାହ୍ମଣୀ ନଦୀ କୂଳରେ ଥିବା ବେଆଇନ ଇଟାଭାଟି ଉପରେ ଶୋଇଥିବା ବେଳେ ଅଘଟଣ ଘଟି ୩ଜଣ ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ପ୍ରଶାସନ ପୁଣି ଥରେ ତତ୍ପର ହୋଇଉଠିଛି। ମାଫିଆଙ୍କୁ ସାବାଡ଼ କରିବାକୁ ଜେସିବି ସାହାଯ୍ୟରେ ୫ଟି ଇଟାଭାଟି ଭାଙ୍ଗିବା ସହିତ ୫ଲକ୍ଷ ଇଟା ନଷ୍ଟ କରିଦେଇଛି।

କମଲାଙ୍ଗ ବ୍ରାହ୍ମଣୀ ନଦୀ ପଠାରେ କମଲାଙ୍ଗ ଗ୍ରାମର ବିନ ସାହୁ ଏକ ବେଆଇନ ଇଟାଭାଟି କରିଥିବା ବେଳେ ଛତିଶଗଡ଼ ରାଜ୍ୟ ମହାକୁଣ୍ଡ ଜିଲ୍ଲାର ଶ୍ରମିକମାନଙ୍କୁ ଆଣି କାମରେ ଲଗାଇଥିଲେ। ମହାକୁଣ୍ଡ ଗ୍ରାମର ଗୋଟିଏ ପରିବାରର



### ମାଲିକ ସହିତ ସହଯୋଗୀ ଫେରାର



୧୦ଜଣ ସଦସ୍ୟ କାମ କରୁଥିବା ବେଳେ ଶୁକ୍ରବାର ରାତିରେ ଇଟାଭାଟିରେ ନିଆଁ ଲଗାଇ ହାତୀ ଭୟରେ ଗୋଟିଏ ପରିବାରର ମେଘନାଥ ଭୋଇ, (୫୦) ନିରା ଭୋଇ(୪୦) ଏବଂ ଜିତୁ ଭୋଇ (୭)ଙ୍କ ସହିତ ଶିବଦାସ ଭୋଇ ଶୋଇଯାଇଥିଲେ। ଇଟାଭାଟିରେ କୋଇଲା ନିଆଁ ଲାଗିଥିବାରୁ ସେଥିରୁ ପ୍ରବଳ ବେଗରେ ଧୂଆଁ ନିର୍ଗତ ହେଉଥିଲା। ଏହାକୁ ଖାତିର ନକରି ଶ୍ରମିକମାନେ ଶୋଇଥିବା ବେଳେ ଇଟାଭାଟିରେ କୋଇଲା ଧୂଆଁଯୋଗୁଁ ଅଣନିଃଶ୍ୱାସୀ ହୋଇପଡ଼ିଥିବା ବେଳେ ସମସ୍ତେ ଗୁରୁତର ଅବସ୍ଥାରେ ତାଳଚେର ସ୍ଥିତ ମଣ୍ଡାପାଳ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ମେଘ, ନିରା ଓ ଜିତୁଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ରବିବାର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରବିବାର ସକାଳ ସମୟରେ କଣ୍ଟାବଣିଆ ପୁଲିସ ସହିତ ମାଜିଷ୍ଟ୍ରେଟ ତଥା ଓଡାପଡ଼ା ତାହସିଲଦାର ମହେଶ୍ୱର ବେହେରା ଘଟଣାସ୍ଥଳରେ ୨ପ୍ଲାଟୁନ ପୁଲିସ ଫୋର୍ସ ସହିତ ପହଞ୍ଚିଥିଲେ। ବ୍ରାହ୍ମଣୀ ନଦୀଠାରେ ବେଆଇନ ଭାବରେ ଗଢ଼ି ଉଠିଥିବା ପ୍ରାୟ ୫ଟି ଇଟାଭାଟିକୁ ଜେସିବି ସାହାଯ୍ୟରେ ମାଟିରେ ମିଶାଇ ଦିଆଯାଇଛି। ଏହି ସ୍ଥାନରେ ପ୍ରଶାସନକୁ ଚକମା ଦେଇ ବାରମ୍ବାର ଭାଟି ଗଢ଼ି ଉଠୁଥିବାରୁ ଏହାକୁ ପ୍ରଶାସନ ଗୁରୁତର ସହିତ ଗ୍ରହଣ କରି ସେଠାରେ ସିସି କ୍ୟାମେରା ଲଗାଇବାକୁ ନଷ୍ପତ୍ତି କରିଛି। ସିସି କ୍ୟାମେରା ସିଧାସଳଖ ଭାବରେ ଏସପି ଏବଂ ଜିଲ୍ଲା ପ୍ରଶାସନ ନିକଟରେ ରହିବ ଏବଂ ଜିଲ୍ଲାରୁ ଥାଇ ତାହା ମନିଟରିଂ କରାଯିବାକୁ ସ୍ଥିର ହୋଇଛି। ଘଟଣା ପରେ ଇଟାଭାଟି ମାଲିକ ବିନ ସାହୁ ଏବଂ ତା'ର ଦୁଇ ସହଯୋଗୀ ଫେରାର ହୋଇଯାଇଛନ୍ତି। ପୁଲିସ ସେମାନଙ୍କୁ ଧରିବାକୁ ତନାଘନା ଚଳାଇଛି। ସେହିପରି ଏଠାରେ ବେଆଇନ ଭାବରେ ଗଢ଼ିଉଠିଥିବା ଇଟାଭାଟିରେ ଯୋଜନାବଦ୍ଧ ଭାବରେ ଛତିଶଗଡ଼ର ଶ୍ରମିକଙ୍କୁ ନିୟୋଜିତ କରି ଇଟା ପ୍ରସ୍ତୁତି କରାଯାଉଥିଲା। ଝୁମ୍ପୁଡ଼ି ଘରେ ରହୁଥିବା ଛତିଶଗଡ଼ର ୬୦ରୁ ଅଧିକ ଶ୍ରମିକଙ୍କୁ ପ୍ରଶାସନ ତରଫରୁ ତାଙ୍କ ଗ୍ରାମକୁ ପଠାଥିବାକୁ ଯୋଜନା କରାଯାଇଛି।

### ଛତିଶଗଡ଼ ଯିବେ ୬୦ ଶ୍ରମିକ

ଇଟାମାଫିଆ ମାନେ ମାଲେମାଲେ ହେବା ପାଇଁ ନିଜ ଜିଲ୍ଲାର ଶ୍ରମିକମାନଙ୍କୁ ନିୟୋଜିତ ନକରି ଛତିଶଗଡ଼ର ଶ୍ରମିକମାନଙ୍କୁ ଇଟାଭାଟି କାମରେ ଲଗାଇଥିଲେ। ଛତିଶଗଡ଼ର ଗରୀବ ଲୋକମାନଙ୍କୁ ଦଲାଲ ସାହାଯ୍ୟରେ ଆଣି ଅତି କମ ମଜୁରିରେ ନିୟୋଜିତ କରିଥିଲେ। ପ୍ରତିଦିନ ହାତୀ ଭୟ ଥିବାବେଳେ କୁଶ ଗଛ ଏବଂ ପଲିଥିନ ତଳେ ପରିବାର ଛୋଟଛୋଟ ପିଲାଙ୍କୁ ଧରି ରହୁଥିଲେ। ଅତିଦୟନୀୟ ଭାବରେ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବା ପରିବାରକୁ ଜିଲ୍ଲା ପ୍ରଶାସନ ନିଜ ଗ୍ରାମକୁ ପଠାଇବାକୁ ଯୋଜନା କରିଛି। ସମସ୍ତ ଶ୍ରମିକକୁ ପଠାଇବା ଲାଗି ଏବେ ସେମାନଙ୍କ ପ୍ରାପ୍ୟଦେବାକୁ ସ୍ଥିର କରାଯାଇଛି। ମୃତ୍ୟୁବରଣ କରିଥିବା ଶ୍ରମିକମାନଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

### ସନ୍ଦେହରେ ରାଜସ୍ୱ ନିରୀକ୍ଷକ

ରତିକାନ୍ତ ରାଉତଙ୍କ ଇଟାଭାଟିରେ ଦୁଇ ଶ୍ରମିକ ମୃତ୍ୟୁବରଣ କରିବା ପରେ ପ୍ରଶାସନ ତରଫରୁ ଜେସିବି ଲଗାଇ ଇଟାଭାଟିକୁ ସମ୍ପୂର୍ଣ୍ଣଭାବରେ ନଷ୍ଟ କରିଦିଆଯାଇଥିଲା। କିନ୍ତୁ ଘଟଣାର ମାତ୍ର ଏକ ମାସ ପରେ ସେହି ସ୍ଥାନରେ ପୁଣି ଥରେ ଇଟାଭାଟି ଛିଡ଼ା ହୋଇଥିଲା। ଘଟଣାକୁ ନେଇ ପୁଣି ଥରେ ପ୍ରଶାସନର ପାରିବା ପଣିଆ ପଦାରେ ପଡ଼ିଥିବା ବେଳେ ମାନପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟକଳାପ ନେଇ ପୁଣି ଥରେ ସନ୍ଦେହ ସୃଷ୍ଟି ହୋଇଛି। ବର୍ତ୍ତମାନ ବ୍ରାହ୍ମଣୀ ନଦୀକୂଳରେ ମାଳ ମାଳ ଇଟାଭାଟି ବେଆଇନ ଭାବରେ ଚାଲୁଥିବା ଦେଖିବାକୁ ମିଳିଛି। ସେହିପରି ଇଟାଭାଟି ନେଇ ମୋଟଙ୍ଗା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟକାଳାପ ମଧ୍ୟ ସନ୍ଦେହରେ ରହିଛି।

### ସ୍ଥାଣୁ ପାଲଟିଛି ଶ୍ରମ ବିଭାଗ

ରତିକାନ୍ତ ରାଉତଙ୍କ ଇଟାଭାଟିରେ ଡିସେମ୍ବର ୧୫ରେ ଦୁଇ ଶ୍ରମିକ ମୃତ୍ୟୁବରଣ କରିବା ପରେ ବଡ଼ ବଡ଼ ଭାଷଣ ଦେଉଥିବା ଶ୍ରମ ବିଭାଗ ପୁଣି ଥରେ ନିରବଦ୍ରଷ୍ଟା ସାଜିଥିଲା। ଧାର୍ଯ୍ୟ ମଜୁରୀ ଠାରୁ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଜଣେ ନୁହେଁ ୬୦ଜଣ ଶ୍ରମିକଙ୍କୁ ଇଟାଭାଟିରେ ନିୟୋଜିତ କରାଯାଇଥିଲେ ମଧ୍ୟ ଶ୍ରମ ବିଭାଗ କିପରି ଜାଣିପାରିଲା ନାହିଁ, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ନାବାଳକଙ୍କୁ ଇଟାଭାଟିରେ ନିୟୋଜିତ କରାଯାଉଥିବା ବେଳେ ସେଠାରେ ସରକାରଙ୍କ କାର୍ଯ୍ୟକୁ ସଫଳ କରୁଥିବା ସରପଞ୍ଚ ଏବଂ ଶିଶୁ ଶ୍ରମିକ ନରୋଧ ଆଇନକୁ ପାଳନ କରିବାକୁ ବାରମ୍ବାର ସଚେତନ କରୁଥିବା ଜନପ୍ରତିନିଧିମାନେ ଜାଣିପାରିଲେ ନାହିଁ କିପରି, ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

## ନାଳରେ ବୁଡ଼ି ବୃଦ୍ଧା ମୃତ

କାମାକ୍ଷାନଗର, ୧୧।୨(ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଥାନା ବାଉଁଶପାଳ ପଞ୍ଚାୟତ କଲାବିଲା ନାଳରେ ବୁଡ଼ି ବୃଦ୍ଧା ମୃତ୍ୟୁ ବରଣ କରିଥିବାର ଜଣାପଡ଼ିଛି। କାଦୁଅ ଗ୍ରାମର ଦୁଃଖୀ ସାହୁ(୬୦) ସକାଳେ ଗ୍ରାମ ନିକଟସ୍ଥ କଲାବିଲା ନାଳକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା ଯୋଗୁଁ ନାଳରେ ବୁଡ଼ିଯାଇଥିଲେ। ନାଳରେ ଅତ୍ୟଧିକ ପାଣି ଥିବା ଯୋଗୁ ଦୀର୍ଘ ସମୟ ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇଥିଲା। କାମାକ୍ଷାନଗର ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାମାକ୍ଷାନଗର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

● ଖୁଡ଼ୀଙ୍କୁ ଅସଦାଚରଣ

## ପୁତୁରା ନାମରେ ଥାନାରେ ଅଭିଯୋଗ

କାମାକ୍ଷାନଗର, ୧୧।୨(ସମିସ): ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ଥାନା ମକୁଆକାଟେଣି ପଞ୍ଚାୟତ ଅନ୍ତର୍ଗତ ହଳଦୀକୁଣ୍ଡି ଗାଁରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଖୁଡ଼ୀକୁ ଅସଦାଚରଣ କରିବାରୁ ପୁତୁରା ନାମରେ ଖୁଡି ଥାନାରେ ଅଭିଯୋଗ କରିଥିବାର ଜଣାପଡ଼ିଛି। ହଳଦୀକୁଣ୍ଡି ଗ୍ରାମର ନିଜ ଖୁଡ଼ୀ ଏକୁଟିଆ ଘରେ ଥିବାବେଳେ ତାଙ୍କ ପୁତୁର ବାଲା ରୋଶନ ପଧାନ(୩୦) ତାଙ୍କୁ ଅସଦାଚାରଣ କରିଥିଲା। ଏହାକୁ ନେଇ ଖୁଡ଼ୀ ଶନିବାର ସନ୍ଧ୍ୟାରେ କଙ୍କଡାହାଡ଼ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ଆଧାରରେ କଙ୍କଡାହାଡ଼ ପୁଲିସ ଅଭିଯୁକ୍ତ ବାଲାରୋଶନ ପଧାନଙ୍କୁ ଥାନାକୁ ଆଣି ପଚାରାଉଚରା କରି ରବିବାର ଡାକ୍ତରୀ ମାଇନା ପାଇଁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଏ ସଂକ୍ରାନ୍ତରେ କଙ୍କଡାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା କହିଛନ୍ତି ତଦନ୍ତ ଚାଲିଛି। ସୋମବାର ଅଭିଯୁକ୍ତ ପୁତୁରାଙ୍କୁ କୋର୍ଟଚାଲଣ କରାଯିବ।

## ଖୁଚୁରା ବ୍ୟବସାୟର ସଫଳ ମୂଲ୍ୟାୟନ ପାଠ୍ୟକ୍ରମ ପ୍ରଶିକ୍ଷଣ

କାମାକ୍ଷାନଗର, ୧୧।୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଖୁଚୁରା ବ୍ୟବସାୟର ସଫଳ ରୂପାୟନ ସହିତ ବାସ୍ତବ ଶିକ୍ଷା ଆହରଣ ସକାଶେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଧନ୍ଦାମୂଳକ ଶିକ୍ଷାର ଭାରପ୍ରାପ୍ତ ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀ, ଧନ୍ଦାମୂଳକ ଶିକ୍ଷୟିତ୍ରୀ ଶୁଭଶ୍ରୀ ମୋନାଲିସା ପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସହରର ବିଭିନ୍ନ ବଜାରରେ ଅବସ୍ଥିତ ବିଭିନ୍ନ ଲୁଗା, କପଡ଼ା, ପ୍ୟାଣ୍ଟ ଓ ସାର୍ଟ ଦୋକାନରେ ପହଞ୍ଚି ଖୁଚୁରା ବ୍ୟବସାୟର ବଜାରୀକରଣ ଓ ତାହାର ଲାଭ, କ୍ଷତି ସହିତ ପରିଚାଳନା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ।

## କପିଳାସ ବିଜ୍ଞାନ ଉଦ୍ୟାନରେ ପ୍ରାକୃତିକ କ୍ୟାମ୍ପ୍

ଗଁଦିଆ,୧୧।୨(ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ କପିଳାସ ସ୍ଥିତ କପିଳାସ ବିଜ୍ଞାନ ଉଦ୍ୟାନରେ ପ୍ରାକୃତିକ କ୍ୟାମ୍ପରେ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାର ମହାବୀର ଉଚ୍ଚ ବିଦ୍ୟାଳୟ ଦଳ ଏକ କ୍ୟାମ୍ପ ଯାଜପୁରର ଅଶୋକଝର ପ୍ରାକୃତିକ ଦୃଶ୍ୟ ଉପଭୋଗ କରିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାତ୍ତିକ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬୪ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଅଶ୍ୱିନୀ ଦାସ ପ୍ରକୃତି ସପକ୍ଷରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ କୁମାର ଖୁଣ୍ଟିଆ, ଦୀପକ ବାରିକ୍, ପ୍ରୀତିପଦ ଜେନା, ହରପ୍ରସାଦ ଶତପଥୀ, ଶିକ୍ଷାକର୍ମୀ ବସନ୍ତ ସ୍ୱାଇଁ, ଗଦାଧର ମହାନ୍ତି, ଶିକ୍ଷୟିତ୍ରୀ କୁନ୍ତଳା ପହି, ସୁଶ୍ରୀ ସଙ୍ଗୀତା ଚକ୍ର ଉପସ୍ଥିତ ହୋଇ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଢେଙ୍କାନାଳ ଜିଲ୍ଲା ପ୍ରକୃତିବନ୍ଧୁ ସଂଗଠନର ସମ୍ପାଦକ ହରିହର ସାହୁ ଏହାକୁ ପ୍ରଶଂସା କରିଥିଲେ।

## ବନାଗ୍ନି ପ୍ରତିରୋଧ ସଚେତନତା ଅଭିଯାନ

କାମାକ୍ଷାନଗର, ୧୧।୨(ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅନ୍ତର୍ଗତ ବିରାଶାଳ ଫରେଷ୍ଟ ସେକ୍ସନ ମକୁଆକାଟେଣୀ ଗ୍ରାମରେ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତାରିଣୀମନ୍ଦିର ଠାରୁ ସଚେତନତା ଶିବିର ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମରେ କାମାକ୍ଷାନଗର ସେକ୍ସନ ଅଧିକାରୀ ବିରେନ୍ଦ୍ର ଦେହୁରୀ, ବୀରାଶାଳ ସେକ୍ସନ ୧ର ଦୀପକ ସାହୁ, ଫରେଷ୍ଟ ଗାର୍ଡ ଓ ଗ୍ରାମବାସୀ ଯୋଗ ଦେଇଥିଲେ। ବିଭିନ୍ନ ପ୍ରକାର ନାଚ, ଗୀତ ମାଧ୍ୟମରେ ଜଙ୍ଗଲକୁ କିଭଳି ଭାବେ ସୁରକ୍ଷିତ ରଖାଯାଇପାରିବ ସେନେଇ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ମାନେ ଜଙ୍ଗଲ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମସ୍ତେ ଜଙ୍ଗଲ ସୁରକ୍ଷାକୁ ପ୍ରାଥମିକତା ଦେବା ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଉଦ୍ୟମ କରିବା ପାଇଁ ସଚେତନତା କରାଯାଇଥିଲା।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

କାମାକ୍ଷାନଗର, ୧୧।୨(ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେରଜୁଳି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କେରଜୁଳି ଖେଳପଡ଼ିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ଼ ନୃସିଂହ ଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କେରଜୁଳି ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ୨୫୭ ଜଣ ହିତାଧିକାରୀ ଯୋଡ଼ିହୋଇଥିବା ବେଳେ ୭୩୧ ଜଣଙ୍କୁ ସାମଜିକ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ୧୪୪୧ ପରିବାର ରାସନକାର୍ଡ ପାଇଥିବା ବେଳେ ୫୬୮ ମହିଳାଙ୍କୁ ମମତା ଯୋଜନାରେ ସହାୟତା ମିଳିପାରିଛି। ରାଜ୍ୟ ସରକାରଙ୍କ ତରଫରୁ ହେଉଥିବା ସମସ୍ତ ଯୋଜନା ବିଷୟରେ ସ୍ଥାନୀୟ ବାସିନ୍ଦାଙ୍କୁ ଅବଗତ କରାଯାଇଥିଲା। ଅନ୍ୟ ଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, କଙ୍କଡାହାଡ଼ ବିଡିଓ ଯଶୋବନ୍ତ ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କେରଜୁଳି ପଞ୍ଚାୟତର ସରପଞ୍ଚ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଏଏସଜି ଗ୍ରୁପ, ମମତା ଯୋଜନା ହିତାଧିକାରୀମାନେ ଅଂଶଗ୍ରହଣ କରିଥିଲେ।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

ମାର୍ଥାପୁର, ୧୧।୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ଭୁବନ ଏନଏସି ବାଜିରାଉତ କଲ୍ୟାଣ ମଣ୍ଡପ ଠାରେ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ବ୍ଲକସ୍ତରୀୟ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନ ବ୍ଲକ ଏବଂ କାମାକ୍ଷାନଗର ବ୍ଲକର ୧୧୦୦ ହିତାଧିକାରୀଙ୍କୁ ପ୍ରାୟ ୬ କୋଟି ଟଙ୍କା ଯୋଗାଇ ଦିଆଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ସହାୟତା ରାଶି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶ୍ରମ ଅଧିକାରୀ ସଂଗ୍ରାମ ଦଳେଇ, ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଜେଜେମା ଜେଜେବାପା ସମ୍ମିଳନୀ

ଗଁଦିଆ, ୧୧।୨(ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଆଧାରରେ ଜେଜେବାପା ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ଜେଜେ ବାପା ଜେଜେ ମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଭାପତି ଅନନ୍ତ ଚରଣ ଶତପଥୀ ମୁଖ୍ୟ ଅତିଥି, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ କୁମାର ରାଉତ , କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଶରତ ଚନ୍ଦ୍ର ପାଣିଗ୍ରାହୀ ଯୋଗଦାନ କରିଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ମୁରଲୀଧର ସାହୁ, ଉପ ସଭାପତି କେଶବ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରିଚାଳନା ସମିତିର ସମ୍ପାଦକ ଛାୟାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୮୭ଜଣ ଜେଜେ ବାପା ଜେଜେ ମା' ଯୋଗଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ଅନୁଗୋଳ-ଢେଙ୍କାନାଳ ସଂସ୍କରଣ ଉପଲକ୍ଷେ 'ସକାଳ' ପରିବାରର ବନ୍ଧୁମିଳନ

ଢେଙ୍କାନାଳ, ୧୧।୨(ସମିସ): ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଦୈନିକ ଖବର କାଗଜ 'ସକାଳ'ର ଅନୁଗୋଳ-ଢେଙ୍କାନାଳ ସଂସ୍କରଣ ଉପଲକ୍ଷେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ଇମତିଆଜ ହୁସେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ-ଢେଙ୍କାନାଳ ସଂସ୍କରଣର ମୁଖ୍ୟ ସଂଗ୍ରାମ କିଶୋର ଦାସ, 'ସକାଳ' ଖବର କାଗଜ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟର ଡିଜିଏମ୍ ବିଜୟ ଦାଶ, ଏଜିଏମ୍ ପ୍ରମୋଦ ନାୟକ, ସହକାରୀ ପରିଚାଳକ ପ୍ରିୟବ୍ରତ ଦାସ, ପ୍ରଶାନ୍ତ ବିହାରୀ, ମାନବ ବିଭାଗ ଅଧିକାରୀ କମଲ କୁମାର ଖୁଣ୍ଟିଆ, ପ୍ରସାର ବିଭାଗ ଜିଲ୍ଲା ଅଧିକାରୀ ଜ୍ଞାନେନ୍ଦ୍ର କର ଏବଂ ରାଜେଶ କୁମାର ପ୍ରଧାନ ଯୋଗଦେଇଥିଲେ। ଏହି ବନ୍ଧୁମିଳନରେ 'ସକାଳ' ଖବର କାଗଜ କିପରି ଲୋକମାନଙ୍କ ନିକଟରେ ପହଞ୍ଚି ପାରିବ ଏବଂ ଲୋକମାନଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିପାରିବ ସେ ସମ୍ପର୍କରେ ବରିଷ୍ଠ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଆସନ୍ତା ୧୪ ତାରିଖରୁ 'ସକାଳ'ର ନୂତନ ସଂସ୍କରଣ ଆରମ୍ଭ ହେଉଥିବା ବେଳେ ସମସ୍ତ ଖବରଦାତାମାନେ ବିଭିନ୍ନ ସ୍ଥାନରେ ରହିଥିବା ସମସ୍ୟାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ସେହିପରି ଜିଲ୍ଲାରେ ଥିବା ପ୍ରତ୍ୟେକ ଗ୍ରାମକୁ କିପରି ଖବରକାଗଜ ପହଞ୍ଚିପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବନ୍ଧୁମିଳନରେ ଜିଲ୍ଲାର ୮ଟି ବ୍ଲକର ପ୍ରତିନିଧିଙ୍କ ସହିତ ୩୦ରୁ ଅଧିକ ଖବରକାଗଜ ବିକ୍ରେତା ଏବଂ ଜିଲ୍ଲାର ସମସ୍ତ ପ୍ରତିନିଧି ଯୋଗଦେଇଥିଲେ।




କଂସରା ପଞ୍ଚାୟତରେ ଆବାସ ଯୋଜନାରେ ମହାଦୁର୍ନୀତି

## ଗରିବ, ଅସହାୟ, ବିଧବାଙ୍କୁ ମିଳୁନି ଘର

ହିନ୍ଦୋଳ, ୧୧।୨ (ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ କଂସରା ପଞ୍ଚାୟତରେ ସରକାରୀ ଯୋଜନାରେ ଆବାସ ଗୃହ ନିର୍ମାଣରେ ମହା ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ପଞ୍ଚାୟତରେ ଥିବା ବିଧବା ଅସହାୟ ମହିଳା, ଗୃହହୀନ, ଗରୀବ ଲୋକଙ୍କୁ ଘର ପ୍ରଦାନକରାଯାଉ ନଥିବା ବେଳେ ଥିଲାବାଲାଙ୍କ ପାଇଁ ଘର ଯୋଗାଇ ଦିଆଯାଇଛି।

କଂସରା ପଞ୍ଚାୟତରେ ପ୍ରକୃତ ହିତାଧିକାରୀଙ୍କୁ ଅଣଦେଖା କରାଯାଇ ପଞ୍ଚାୟତ ସ୍ତରରେ ଓ ବ୍ଲକ ସ୍ତରରେ ପିସି କାରବାର ଦ୍ୱାରା କେତେକ ମୁଷ୍ଟିମେୟ, ଥିଲାବାଲା ଲୋକେ ଆବାସ ଗୃହ ହାତେଇ ନେଇଥିବାର ଗୁରୁତର ଅଭିଯୋଗ ହୋଇଛି। କଂସରା ପଞ୍ଚାୟତ ଅନ୍ତର୍ଗତ ଆମ୍ବିଠୀ ଗ୍ରାମ ହରିଜନ ସାହିବାସୀ ହିତାଧିକାରୀ ଗ୍ରାମର ବିଧବା, ନିରାଶ୍ରୟା ପ୍ରେମଲତା ନାଏକ ଏନେଇ ସଙ୍ଗୀନ ଅଭିଯୋଗ କରିଛନ୍ତି। ହିନ୍ଦୋଳ ବ୍ଲକ ପ୍ରଶାସନିକ ମୁଖ୍ୟ ଏଠାରେ ନିରବଦ୍ରଷ୍ଟା ସାଜି ବସିରହିଥିବା ବେଳେ ଆମ୍ବିଠିରେ ସୁମତି ନାଏକ, ବନିତା ନାଏକ, ସନ୍ଧ୍ୟାରାଣୀ ନାଏକ, ବାଜେଣି ବେୱା, ମିତାଲି ନାଏକ ପ୍ରମୁଖ ଗରିବ ମହିଳା ହିତାଧିକାରୀମାନେ ବର୍ଷ ବର୍ଷ ଧରି ହାତୀ ଉପଦୃତ୍ ଅଞ୍ଚଳରେ ଭଙ୍ଗା ଦଦରା ଚାଳ ଘରେ ପଡ଼ିରହିଛନ୍ତି। ସେମାନଙ୍କ ଉପରେ ସରକାରୀ ବାବୁମାନଙ୍କ ଦୃଷ୍ଟି ପଡ଼ିପାରୁନାହିଁ। ଛେଳି ଚରାଇ ଜଙ୍ଗଲରୁ କାଠ ସଂଗ୍ରହ କରି ବିକ୍ରିକଲେ ବହୁ ଦୁଃଖକଷ୍ଟରେ ଦିନ କଟେ। ଉପରୋକ୍ତ ମହିଳାଙ୍କ



ମଧ୍ୟରୁ ବିଧବା ପ୍ରେମଲତା ସ୍ଥାନୀୟ ବିଡିଓଙ୍କ ଠାରୁ ଆରମ୍ଭ କରି ତହସିଲଦାର, ହିନ୍ଦୋଳ ଉପଜିଲ୍ଲାପାଳ ଏବଂ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ଘର୍ ଖଣ୍ଡିଏ ପାଇଁ ନିବେଦନ କରି ନିରାଶ ହୋଇଛନ୍ତି। ଜିଲ୍ଲାପାଳଙ୍କ ତଳିଆ ଅଧିକାରୀ ନିର୍ଦ୍ଦେଶନାମା କାଗଜପତ୍ରଗୁଡ଼ିକୁ ନିଜ ପାଖରେ ସାଇତି ରଖିଛନ୍ତି। ଗତ କିଛି ମାସଧରି ଗ୍ରାମ କୋଠଘରେ ନିଜ ଦୁଇ ପୁଅଙ୍କୁ ନେଇ ବାସ କରୁଥିଲେ। ତେବେ ଗ୍ରାମବାସୀ ମନା କରିବାରୁ ବାଧହୋଇ ତିନୋଟି ଜୀବନକୁ ଜୀବନ ମରଣ ସହ ବାଜି ଲଗାଇ ଏବେ ଦୀର୍ଘ ମାସ ହେବେ ନିଜର ଭଙ୍ଗା କୁଡ଼ିଆରେ ଦିନ କାଟୁଛନ୍ତି। ଅନ୍ୟ ହିତାଧିକାରୀଙ୍କ ଅବସ୍ଥା ମଧ୍ୟ ଅନୁରୂପ। ଆବାସ ଗୃହ କର୍ଯ୍ୟାଦେଶ ବଣ୍ଟନ ପାଇଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରେ ସେ ପ୍ରେମଲତା ନାଏକ ଯୋଗ୍ୟ ହିତାଧିକାରୀ ବୋଲି ସ୍ପଷ୍ଟ କରିବା ସହ ତାଙ୍କ ନାମ ବ୍ଲକକୁ ସୁପାରିଶ କରି ଦିଆଯାଇଥିବା ପ୍ରକାଶ କରିଥିଲେ ମଧ୍ୟ ବ୍ଲକ ସ୍ତରରେ ଫାଇଲ ତଳେ ଚାପି ହୋଇ ରହିଯାଇଛି। ହିନ୍ଦୋଳ ବିଡିଓ ଉକ୍ତ ସମ୍ବେଦନଶୀଳ ଘଟଣା ଉପରେ ଗୁରୁତ୍ୱ ଦେବାକୁ ସ୍ଥାନୀୟ ଅଧିବାସୀ ଦାବି କରିଥିବା ବେଳେ ବ୍ଲକ କର୍ତ୍ତୃପକ୍ଷ କେବେ ଏଥିପ୍ରତି ଦୃଷ୍ଟି ଦେଉଛନ୍ତି, ତାହା ଅଗାମୀ ଦିନରେ ଜଣାପଡ଼ିବ।

ଯାଯାବରଙ୍କ କବ୍‌ଜାରେ କାମାକ୍ଷାନଗର

## ବଢ଼ିଚାଲିଛି ଲୁଟ୍, ଡକାୟତି; ପୁଲିସ ନିରବଦ୍ରଷ୍ଟା

କାମାକ୍ଷାନଗର, ୧୧।୨(ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଏନଏସି ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟବସାୟ ତଥା ବିଭିନ୍ନ କାର୍ଯ୍ୟରେ ଆସୁଥିବା ଯାଯାବରଙ୍କ କବଜାରେ ରହିଛି। ଦିନକୁ ଦିନ ଚୋରି, ଡକାୟତି, ରାହାଜାନୀ ସହିତ ବିଭିନ୍ନଅନୈତିକ କାର୍ଯ୍ୟ ଚାଲୁଥିବା ବେଳେସେମାନଙ୍କୁ ରୋକ ଲଗାଇବାକୁ ଦାବୀ ହେଉଛି।

ଶାନ୍ତିର ସହର ଭାବେ ଜଣାଶୁଣା କାମାକ୍ଷାନଗର ଏବେ ଧୀରେ ଧୀରେ ଅଶାନ୍ତ ହୋଇଉଠୁଛି। ବିଗତ କିଛିବର୍ଷ ମଧ୍ୟରେ ବାରମ୍ବାର ଗୁଳିମାଡ଼ ଘଟଣା କାମାକ୍ଷାନଗରକୁ ରାଜ୍ୟବ୍ୟାପୀ ନିନ୍ଦା ଆଣିଦେଇଥିବା ବେଳେ ଏବେ ଲୁଟ୍, ରାହାଜାନି, ଡକାୟତି ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଗତକିଛି ମାସ ମଧ୍ୟରେ କାମାକ୍ଷାନଗର ଥାନା ଅଞ୍ଚଳରେ ବାରମ୍ବାର ଚୋରି, ଡକାୟତି ଓ ରାହାଜାନି ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ଏଭଳି ଅପରାଧ ଦ୍ରୁତଗତିରେ ବଢ଼ିଚାଲୁଥିବା ବେଳେ ସ୍ଥାନୀୟ ପୁଲିସ ଏହାର କୌଣସି ସୁରାକ ମଧ୍ୟ ପାଇପାରୁନାହିଁ। ଏଭଳି ପରିସ୍ଥିତିରେ କାମାକ୍ଷାନଗରବାସୀ ଆତଙ୍କିତ ଥିବାବେଳେ ଅନ୍ୟପଟେ ସହରରେ ଯାଯାବରଙ୍କ ଆଡ୍ଡା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଲାଣି। ସହର ଉପକଣ୍ଠ ଜିରିଡ଼ାମାଳିଠାରେ ଥିବା ଯାତ୍ରା ପଡ଼ିଆରେ ବର୍ଷର ପ୍ରତ୍ୟେକ ସମୟରେ ଯାଯାବରମାନେ ବାସ କରୁଛନ୍ତି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯାଯାବରମାନେ ଏଠି କ'ଣ କରୁଛନ୍ତି, କ'ଣ ପାଇଁ ଆସୁଛନ୍ତି ତାହାର କୌଣସି ତଥ୍ୟ ପୁଲିସ କିମ୍ବା ସ୍ଥାନୀୟ ପ୍ରଶାସନ ନିକଟରେ ନାହିଁ। ଫଳରେ ଯାଯାବରଙ୍କ ମଧ୍ୟରୁ କିଛି ଲୋକ ସ୍ଥାନୀୟ ଚୋରଙ୍କ ସହ ମିଶି ଘରେ ପଶି କଳାକନା ବୁଲାଇବା, ସାପ୍ତାହିକ ହାଟରୁ ମୋବାଇଲ ଚୋରି, ଗାଡ଼ି ଚୋରି, ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଯାଉଥିବା ଲୋକଙ୍କୁ ଟାର୍ଗେଟ କରିବା ଇତ୍ୟାଦି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସେମାନେ ବାହାରୁ ଆସି ଏଠାରେ ରହୁଥିବା ବେଳେ ସେମାନଙ୍କ ପରିଚୟ କାହା ନିକଟରେ ନାହିଁ। ସେମାନଙ୍କ ବିଷୟରେ କୌଣସି ତଥ୍ୟ ପୁଲିସ ପାଖରେ ରହୁନାହିଁ। ତେଣୁ ସ୍ଥାନୀୟ ଚୋରମାନେ ଏହାର ଫାଇଦା ନେଇ ପୁଲିସକୁ ଚକମା ଦେଖାଇବାରେ ସଫଳ ହେଉଛନ୍ତି। ଫଳରେ ଦିନକୁଦିନ ସହର ମଧ୍ୟରେ ଓ ଆଖପାଖରେ ବହୁ ମାତ୍ରାରେ ଚୋରି, ଡକାୟତି, ବୃଦ୍ଧି ପାଇବାରେ ଲାଗିଛି। ଏ ବିଷୟରେ ସ୍ଥାନୀୟ ପ୍ରଶାସନ ତରଫରୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ସହ ସହରରେ ବସବାସ କରୁଥିବା ଯାଯାବର, ସେମାନଙ୍କ ସଂସ୍ପର୍ଶରେ ଆସୁଥିବା ସ୍ଥାନୀୟ ଚୋର, ଲୁଟେରାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ପାଇଁ ସାଧାରଣରେ ଦାବି ହେଉଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ କାମାକ୍ଷାନଗର ଥାନା ଅଞ୍ଚଳରେ ବାରମ୍ବାର ଚୋରି, ଡକାୟତି, ରାହାଜାନି ପୁଲିସର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିବା ସହ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି କରୁଛି। ତୁରନ୍ତ ଉଭୟ ପୁଲିସ ଓ ପ୍ରଶାସନ ଏଥିପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାମାକ୍ଷାନଗରବାସୀ ଅପେକ୍ଷା କରିଛନ୍ତି।

ଜାତୀୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା

## ଢେଙ୍କାନାଳ ଜିଲ୍ଲାକୁ ୧୧ ସ୍ୱର୍ଣ୍ଣ ସହିତ ଶ୍ରେଷ୍ଠ ପ୍ରଦର୍ଶନୀ ଟ୍ରଫି

ଢେଙ୍କାନାଳ, ୧୧।୨ (ସମିସ): ଢେଙ୍କାନାଳ ଜିଲ୍ଲା ତାଇକ୍ୱୋଣ୍ଡୋ ଆସୋସିଏସନ ତରଫରୁ ପୁନେଠାରେ ଖେଳାଯାଇଥିବା ଜାତୀୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତାରେ ଜିଲ୍ଲାକୁ ୧୧ ସ୍ୱର୍ଣ୍ଣ ପଦକ ସହ ଶ୍ରେଷ୍ଠ ପ୍ରଦର୍ଶନୀ ଟ୍ରଫି ମିଳିଛି। ପୁନେ ସ୍ଥିତ ନିୟୁ ପ୍ରଭୁ ଶ୍ରୀଲର୍ନ ପରିସରରେ ଭାରତର ବିଭିନ୍ନ ତାଇକ୍ୱୋଣ୍ଡୋ ଏକାଡେମୀ, ଆସୋସିଏସନ ଓ କ୍ଲବର ମିଳିତ ଆନୁକୂଲ୍ୟରେ ଜାତୀୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା ଚଳିତ ମାସ ୨୭ ଓ ୨୮ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ରାଜ୍ୟକୁ ଢେଙ୍କାନାଳ ଟିମ୍ ପ୍ରତିନିଧିତ୍ୱ କରିଥିଲା। ଶନିବାର ଅପରାହ୍ନରେ କୃତୀ ଖେଳାଳିମାନଙ୍କୁ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଢେଙ୍କାନାଳ ମଗଜି ଲଡୁ ଖୁଆଇ ସଫଳତା ପାଇଁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଜିଲ୍ଲା କାର୍ଯ୍ୟାଳୟରେ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶା ପାଇଁ ପଦକ ଜିତି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ହାସଲ କରିବାଥିବାରୁ ଖୁସି ବ୍ୟକ୍ତ କରିଥିଲେ। ସେହିପରି ତାଇକ୍ୱୋଣ୍ଡୋ ର କୋଚ୍ ମାଷ୍ଟର ଙ୍ଗ ସୌମ୍ୟବ୍ରତ ସାହୁଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। ଏହି ପ୍ରତିଯୋଗିତାରେ ଗାୟତ୍ରୀ ମିଶ୍ର, ଆରୁଷି ପରିଡ଼ା, ଆଦ୍ୟାଶା ମିଶ୍ର, ଇନ୍ଦ୍ରଜିତ ସାହୁ, ପ୍ରିୟାଂଶୁ ପ୍ରତୀକ କନର, ଶୁଭ୍ରାଂଶୁ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଜାଜ୍ଞାଶ୍ରୀ ଶତପଥୀ, ଅମ୍ରିତା ସାହୁ, ସାଇ ଆଦର୍ଶ ମିଶ୍ର, ସାଇ ସୋହନ ମଲ୍ଲିକ, ଯୁବରାଜ ସାହୁ ରୌପ୍ୟପଦକ ଏବଂ ଯଶୀତା ବରିହା, ଶ୍ରେୟା ଶତପଥୀ ଓ ସାହିଲ ପୃଷ୍ଟି ବ୍ରୋଞ୍ଜ ପଦକ ହାସଲ କରିଥିବାର ଜଣାପଡ଼ିଛି। ଖେଳାଳିମାନେ ସବ୍ ଜୁନିୟର, କ୍ୟାଡେଟ୍, ଜୁନିୟର ଓ ସିନିୟର ବିଭିନ୍ନ ଓଜନ ବିଭାଗରେ କ୍ୟୁରୋଗୀରେ ହାସଲ କରିଥିଲା ବେଳେ ପୁମସେ ପ୍ରତିଯୋଗିତାରେ ଭାଗନେଇ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ହାସଲ କରିବା ସହ ସମୁଦାୟ ୧୧ ସ୍ୱର୍ଣ୍ଣ, ୯ ରୌପ୍ୟ ଏବଂ ୪ କାଂସ୍ୟ ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ ଟ୍ରଫି ହାସଲ କରିଛନ୍ତି। ଏହି ଗସ୍ତରେ ଟିମ୍ ସହିତ ମ୍ୟାନେଜର ଭାବେ ରୁଦ୍ରନାରାୟଣ ଶତପଥୀ, ନର୍ମଦା ମଲ୍ଲିକ ଏବଂ କୋଚ୍ ଭାବରେ ଆମେଚର ତାଇକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଙ୍ଗ ସୌମ୍ୟବ୍ରତ ସାହୁ ପୁନେ ଗସ୍ତ କରିଥିଲେ। ସଫଳତାକୁ ନେଇ ବିଭିନ୍ନ ମହଲରୁ ଦଳକୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।



# କୋଇଲା ପରିବହନର ସ୍ଥାୟୀ ସମାଧାନ ଦାବି

## ଉପଜିଲ୍ଲାପାଳଙ୍କୁ ଭେଟିବେ ଟ୍ରକ୍ ମାଲିକ ସଙ୍ଘ



ଛେଣ୍ଡିପଦା, ୧୧।୨(ସମିସ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ରାଇଝରଣ ଅଞ୍ଚଳ ଉତ୍କଳ-ସି କୋଲ ବ୍ଲକରୁ ପରିବହନ ଆରମ୍ଭ କରିଥିବା ବେଳେ ସ୍ଥାନୀୟ ଟ୍ରକ୍ ମାଲିକ ସଂଘର ଦାବିକୁ ଅଣଦେଖା କରାଯାଉଥିବା ନେଇ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଆଜକୁ ପ୍ରାୟ ୪ ଦିନ ଧରି ୪୯ଟି କୋଇଲା ବୋଝେଇ ଟ୍ରକ ଅଟକ ରଖିବା ସହିତ ଆନ୍ଦୋଳନରେ ଜାରି ରଖିଥିଲେ। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଆନ୍ଦୋଳନ ସ୍ଥଳରେ ପହଞ୍ଚି ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହିତ ଟ୍ରକ ମାଲିକ ସଙ୍ଘର ଏକ ପ୍ରତିନିଧି ମଣ୍ଡଳୀ ଉପଜିଲ୍ଲାପାଳଙ୍କୁ ଭେଟି ପ୍ରଶାସନର ଉପସ୍ଥିତିରେ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଛେଣ୍ଡିପଦା ବ୍ଲକରେ ଦିନକୁ ଦିନ ଖଣି ଖାଦାନ ବୃଦ୍ଧି ପାଉଥିବା ବେଳେ ଛେଣ୍ଡିପଦା ଅଞ୍ଚଳର ଟ୍ରକ ଆସୋସିଏସନକୁ ଏନଇ କମ୍ପାନୀ କର୍ତ୍ତୃପକ୍ଷ ମନମାନି କରି ଲୋଡିଂ ଦେଉ ନଥିବା ବେଳେ ବାହାର ଅଞ୍ଚଳର ଟ୍ରକଗୁଡିକୁ ଲୋଡିଂ ଦିଆଯାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜମିଦର, ନିଯୁକ୍ତି, ଅଞ୍ଚଳରୁ କୋଇଲା ପରିବହନରେ ସ୍ଥାନୀୟ ଟ୍ରକ ନିୟୋଜନ, ଡ୍ରାଇଭର ନିଯୁକ୍ତି ଓ ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ସ୍ୱାର୍ଥରେ ଉପେକ୍ଷା ନେଇ କିଛିଦିନ ହେବ ଅସନ୍ତୋଷ ଦେଖାଦେଇଛି। ଇତି ମଧ୍ୟରେ ରାଇଝରଣ ଅଞ୍ଚଳ ଉତ୍କଳ-ସି କୋଲବ୍ଲକରୁ କୋଇଲା ପରିବହନ କରାଯାଉଛି। ଏଥିପାଇଁ ସ୍ଥାନୀୟ ଟ୍ରକକୁ ନିଯୁକ୍ତି ପାଇଁ ଏକାଧିକ ବାରଅଞ୍ଚଳର ବିଭିନ୍ନ ଗ୍ରାମର ମୁଖିଆ, ବୁଦ୍ଧିଜୀବୀ ଓ ଟ୍ରକ ମାଲିକ ସଂଘର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ପ୍ରଶାସନ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏପରିକି ଅଞ୍ଚଳର ଏକ ଟିମ୍ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟି ଆଲୋଚନା କରିଥିଲେ। ଆଲୋଚନାରେ ଶ୍ରୀ ଦାସ ସ୍ଥାନୀୟ ସ୍ୱାର୍ଥକୁ ଗୁରୁତ୍ୱ ସହିତ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ପରିବହନ ବନ୍ଦ ରହିବ ଏବଂ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି କହିଥିଲେ। ମାତ୍ର ବୁଧବାର ବିଳମ୍ବିତ ରାତି ୧୦ ଟାରେ ଖଣିରୁ ୪୯ ଟି ୧୮ ଚକିଆ ଟ୍ରକରେ କୋଇଲା ଲୋଡକରି ପରିବହନ ଆରମ୍ଭ କରିଥିଲେ। ଖବରପାଇ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ନିକଟରେ ଅଞ୍ଚଳବାସୀଙ୍କ ସହଯୋଗରେ ଟ୍ରକ ମାଲିକ ସଂଘ ଟ୍ରକ ଗୁଡିକ ଅଟକ ରଖିଥିଲେ। ଏ ନେଇ ଜରୁରୀ ବୈଠକ ପରେ ସଂଘ ଓ ଅଞ୍ଚଳ ବୁଦ୍ଧିଜୀବୀଙ୍କୁ ନେଇ ଏକ ଟିମ ତହସିଲଦାରଙ୍କୁ ଭେଟି ସ୍ଥାନୀୟ ଟ୍ରକକୁ ଲୋଡିଂ ଓ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେବାକୁ ଦାବିପତ୍ର ପ୍ରଦାନ କରିବା ସହିତ ଧାରଣାରେ ବସିଛନ୍ତି। ସମାଧାନ ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## 'ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



କିଶୋରନଗର, ୧୧।୨(ସମିସ): କିଶୋରନଗର ବ୍ଲକ ବାମୁର ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ସଂଜୀବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନ୍ୟତମ ଅତିଥି ଭାବେ ପୂର୍ବତନ ପୂର୍ତ୍ତ ସଚବ ନଳିନୀକାନ୍ତ ପ୍ରଧାନ, ଏବିଡିଓ ଦିଲୀପ ପ୍ରଧାନ, ଜଏରାଟ ସରପଞ୍ଚ ବିଜୟ ରଥ, ଠେଲକନାନାଳୀର ସରପଞ୍ଚ ଅମିତ ସାହୁ, ଧଉରାପାଲ୍ଲୀ ସରପଞ୍ଚ ସଂଜୀତ ସାହୁ, ଆମ୍ବପାଳ ସରପଞ୍ଚ ସୁଲୋଚନା ବୀର ପ୍ରମୁଖ ଉପସ୍ଥିତ ରହି ନବୀନ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ମହିଳା ସ୍ୱଙ୍ଗ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

## ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କ ମାସିକ ଭତ୍ତା ବୃଦ୍ଧି

# ମୁଖ୍ୟମନ୍ତ୍ରୀଙ୍କୁ ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳର କୃତଜ୍ଞତା

ଅନୁଗୋଳ, ୧୧।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କ ମାସିକ ଭତ୍ତା ରାଶି ୫୦୦ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। ବର୍ଦ୍ଧିତ ଭତ୍ତା ଅନୁଯାୟୀ ଯଥାକ୍ରମେ ୧୦୦୦, ୧୨୦୦ ଓ ୧୪୦୦ ଅର୍ଥ ରାଶି ପାଇବେ। ଲୋକଙ୍କ ଅନୁରୋଧକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ସାମାଜିକ ସୁରକ୍ଷା ପେନସନ ଯୋଜନାର ଏହି ପେନସନ ରାଶି ପରିମାଣକୁ ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁଗୋଳ ଜିଲ୍ଲା ବିଜୁ ଜନତାଦଳ ପକ୍ଷରୁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଜଣାଯାଇଛି। ଏନେଇ ରବିବାର ସ୍ଥାନୀୟ ବିଜୁ ମୈଦାନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନ୍ୟବର



ବିଧାୟକ ଅନୁଗୋଳ ରଜନୀକାନ୍ତ ସିଂହ, ବିଧାୟକ ତାଳଚେର ବ୍ରଜକିଶୋର ପ୍ରଧାନ, ବିଧାୟକ ଛେଣ୍ଡିପଦା ସୁଶାନ୍ତ କୁମାର ବେହେରା, ଅନୁଗୋଳ ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନ ବିହାରୀ ଦାସ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ, କାଉନସିଲର - ସଦାନନ୍ଦ ପଣ୍ଡା, ରଞ୍ଜିତ ମାଣ୍ଡୋଠିଆ, ସୂର୍ଯ୍ୟସ୍ନାତା ସାହୁ, ବଳରାମ ଜେନା, ଶଙ୍କର ସେଠୀ, ନଗର ମହିଳା ବିଜେଡି ସଭାନେତ୍ରୀ ମାଳିନୀ ସର, ନଗର ଯୁବ ବିଜେଡ଼ି ସଭାପତି ବିଶ୍ୱରଂଜନ ସାହୁ, , ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଷଣ୍ଡପାଳ ଶ୍ରବଣ ମେମୋରିଆଲ କ୍ରିକେଟ୍: ଜାମୁନାଳୀ ଚାମ୍ପିଅନ

କିଶୋରନଗର, ୧୧।୨(ସମିସ): କିଶୋରନଗର ବ୍ଲକ ଷଣ୍ଡପାଳ ଖେଳ ପଡ଼ିଆରେ ଶ୍ରବଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ମ୍ୟାଚରେ କସ୍ତୁରୀବାହାଲ ଓ ଜାମୁନାଳି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେଇଥିଲା। କସ୍ତୁରୀବାହାଲକୁ ୧୭ ରନରେ ହରାଇ ଜାମୁନାଳି ଚାମ୍ପିଅନ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହିମିତିରା ସେବା ସମବାୟ ସଭାପତି ବବ୍ରୁବାହାନ ବେହେରା, ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଭବାନୀ ଶଙ୍କର ପ୍ରଧାନ, ଅବସରପ୍ରାପ୍ତ ସୈନିକ



ଅଶୋକ ସାହୁ, ସମାଜସେବୀ ସୁଧୀର ରଜନ ପ୍ରଧାନ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ଜୁନା ସାହୁ ଓ ହୃଦାନନ୍ଦ ପ୍ରଧାନ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଲିପୁ ପ୍ରଧାନ। ଶୁଭେନ୍ଦୁ ବିଶ୍ୱାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# କୃଷ୍ଣାମୟୀ ଡ୍ୟାନ୍ସ ଗ୍ରୁପ୍ ପ୍ରଥମ



କାମାକ୍ଷାନଗର, ୧୧।୨(ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ପାଳିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସୃଷ୍ଟ କୃଷ୍ଣାମୟୀ ଡ୍ୟାନ୍ସ ଗ୍ରୁପ ଦଳଗତ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ନୃତ୍ୟ ଦଳକୁ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ଧରମାନନ୍ଦ ପରିଡ଼ା, ଉପ ନଗରପାଳ ଶକୁନ୍ତଳା ସେଠି ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥି ସହିତ ଶିକ୍ଷକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କୁ ଉପଢୌକୋନ ଦେଇ ସମ୍ବର୍ଦ୍ଧନା କରିଥିଲେ।

ଏକକ ନୃତ୍ୟ ପ୍ରତିଯୋଗିତାରେ ଏହି ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ସ୍ୱାଇଁ ପ୍ରଥମ ଓ ନବମ ଶ୍ରେଣୀର ବର୍ଷା ପ୍ରିୟଦର୍ଶିନୀ ସାମଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ କୁମାର ମହାପାତ୍ର ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣେଇବା ସହିତ ଶିକ୍ଷକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କୁ ଅଭିନନ୍ଦନ ଜଣେଇଛନ୍ତି।

## ସୁଜ୍ଞାନ କୁମାରୀ ଦେଓଙ୍କ ମୃତ୍ୟୁରେ ସାଂସଦଙ୍କ ଶୋକ

ଢେଙ୍କାନାଳ, ୧୧।୨ (ସମିସ): ଓଡ଼ିଶା ରାଜନୀତି ଇତିହାସରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପୂର୍ବତନ ବିଧାୟିକା ସୁଜ୍ଞାନୀ କୁମାରୀ ଦେଓଙ୍କ ବିୟୋଗରେ ଢେଙ୍କାନାଳ ସାଂସଦ ମହେଶ ସାହୁ ଗଭୀର ଶୋକ ପ୍ରକଟ କରିଛନ୍ତି। ବିଧାନସଭା ଗୃହରେ ଯେତେବେଳେ ସେ ମୋତେ ଦେଖନ୍ତି, କିପରି ଅଛନ୍ତି ବୋଲି ହସିଦେଇ ପଚାରି ଦିଅନ୍ତି। ଯାହାକି ତାଙ୍କର ଆଦରତାର ପରିଚୟ ଦିଏ। ବିଧାୟିକା ଭାବେ ପ୍ରତିନିଧିତ୍ୱ କରି ସେ ଜନସେବାରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ଯାହା ବିଧାୟକଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସାଂସଦ ଶ୍ରୀ ସାହୁ ତାଙ୍କ ବାର୍ତ୍ତାରେ ପ୍ରକାଶ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସେ ଗଭୀର ସମବେଦନା ଜଣାଇଛନ୍ତି।

# ପାଚିକା ସହାୟିକା ସଂଘର ବୈଠକ

ଢେଙ୍କାନାଳ, ୧୧।୨(ସମିସ): ସ୍ଥାନୀୟ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସି ସହ ବନ୍ଧିତ ନିଖିଳ ଓଡ଼ିଶା ଏମ୍ଡିଏମ୍ ପାଚିକା ସହାୟିକା ସଂଘର ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଆସନ୍ତା ଫେବୃଆରୀ ୧୬ରେ ହେବାକୁଥିବା ସର୍ବଭାରତୀୟ ଶ୍ରମିକ ଧର୍ମଘଟରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ସଂଯୁକ୍ତ କିଷାନ୍ ମୋର୍ଚ୍ଚାକୁ ସମର୍ଥନ କରୁଛି। କେନ୍ଦ୍ର ସରକାର ପାଚିକାଙ୍କ ସମସ୍ୟାକୁ ଅଣଦେଖା କରୁଥିବାରୁ ବୈଠକରେ ଉଦ୍ବେଗ ପ୍ରକାଶ ପାଇଥିଲା। ୧୬ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ସଂଗଠିତ କରାଯିବ ବୋଲି ସ୍ଥିର କରାଗଲା। ପାଚିକାମାନଙ୍କୁ ଶ୍ରମିକର



ମାନ୍ୟତା, ସର୍ବନିମ୍ନ ମଜୁରୀ, ଅବସର ପରେ ଶିକ୍ଷାନୁଷ୍ଠାନ ପକ୍ଷରୁ ପେନ୍ସନ୍, ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ସୁବିଧା ପାଚିକାମାନଙ୍କୁ ଦେବା ପ୍ରଭୃତି ଦାବି ନେଇ ଆନ୍ଦୋଳନ ସଂଗଠିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଉତରା ପାତ୍ର, ଶାନ୍ତିପ୍ରିୟା ସାହୁ, ମାନସୀ ସାମଲ, ସସ୍ମିତା ରାଉତ, ସୁଭାଶିନୀ ବେହେରା, ମମତା ସାହୁ, ଭାରତୀ ମହାରଣା, ବିଜୁଳି ବେହେରା, ମଞ୍ଜୁଳା ସିଂହ, ରିନୁ ଜେନା ପ୍ରମୁଖ ଉକ୍ତ ବୈଠକରେ ଯୋଗଦେଇଥିଲେ।

**● ଭରତପୁର କୋଲିୟରୀ ଲେବର ୟୁନିଅନର ବାର୍ଷିକ ଉତ୍ସବ**

## ବିଧାୟକ ବ୍ରଜକିଶୋର ପ୍ରଧାନ ସଭାପତି ମନୋନୀତ

ଡେରା, ୧୧।୨(ସମିସ): ଡେରା ଆଜି ପୂର୍ବାହ୍ନରେ ଭରତପୁର କୋଲିୟରୀ ଲେବର ୟୁନିଅନର ବାର୍ଷିକ ଉତ୍ସବ ମହାସମାହରରେ ଭରତପୁର କଲୋନୀସ୍ଥିତ ରବିନ୍ଦ୍ର ଭାରତୀ ଅଡିଟୋରିୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ୟୁନିଅନର ସଭାପତି ଭାବେ ମନୋନୀତ କରାଯାଇଛି। ଆଗାମୀ ଦିନରେ ୟୁନିଅନକୁ ଆହୁରି ଶକ୍ତିଶାଳୀ କରାଯିବାସହ ଶ୍ରମିକ, କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବି ହାସଲ ନେଇ କୋଇଲାଖଣି କର୍ତ୍ତୃପକ୍ଷଙ୍କ ସହ କୌଣସି ପ୍ରକାରରେ ସାଲିସ କରାଯିବ ନାହିଁ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ। ପ୍ରାରମ୍ଭରେ ୟୁନିଅନର ସାଧାରଣ ସମ୍ପାଦକ ବାବୁଲାଲ ଖଣ୍ଡୁଆଳ ବିଧାୟକ ଶ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ କରିଥିବାବେଳେ ଆଗାମୀ ଦିନରେ ବିଧାୟକଙ୍କ ନେତୃତ୍ୱରେ ସଂଘ ଆହୁରି ଆଗକୁ ଯିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ସଂଘର ୧୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ହିନ୍ଦ୍ ମଜଦୂର ସଭାର ସଦସ୍ୟତା ଗ୍ରହଣ କରିଛନ୍ତି ବୋଲି ଶ୍ରୀ ଖଣ୍ଡୁଆଳ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚଏମଏସ ର ପ୍ରକାଶ କୁଣ୍ଡ, ବି ଏନ୍ ମହାପାତ୍ର, ଭାଗିରଥି ପ୍ରଧାନ, ସଞ୍ଜୟ ସାହୁଙ୍କ ସମେତ ଏ ୟୁ ସି ସି ର ସଭାପତି ସନ୍ତୋଷ ପ୍ରଧାନ ଓ ତାଳଚେର ସୁରକ୍ଷା ମଞ୍ଚ ମୂରଲୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଜିର କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ନିଗମ ସାରସ୍ୱତ ବାର୍ଷିକ ଭକ୍ତ ସମ୍ମିଳନୀ

ମାର୍ଥାପୁର, ୧୧।୨(ସମିସ): ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ଶାନ୍ତି ଆଶ୍ରମଠାରେ ଶ୍ରୀ ଶ୍ରୀ ନିଗମ ସାରସ୍ୱତ ୨୪ ତମ ବାର୍ଷିକ ଭକ୍ତ ସମ୍ମିଳନୀ ଉଦଯାପିତ ହୋଇଯାଇଛି। ଗତ ୯ ତାରିଖ ପ୍ରାତଃ ସମୟରେ ଘଟ ସ୍ଥାପନ, ଜାଗଯଜ୍ଞ, ଗୈରିକ ପତାକା ଉତ୍ତୋଳନ ପରେ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ନଗର ପରିକ୍ରମା କରାଯାଇଥିଲା। ୧୦ ତାରିଖ ପ୍ରାତଃ ସମୟରେ ପ୍ରଭାତୀ କୀର୍ତ୍ତନ, ଆରତୀ ଓ ପୂଜାର୍ଚ୍ଚନା କରାଯାଇଥିଲା। ୧୧ ତାରିଖ ପ୍ରାତଃ ସମୟରେ ଆରତୀ ପୂଜାର୍ଚ୍ଚନା ହେବା ପରେ ମହିଳା ସଭା ଆୟୋଜନ ହୋଇଥିଲା। ଭୂଷଳ ଶାନ୍ତି ଆଶ୍ରମର ମୁଖ୍ୟ ପୂଜ୍ୟା ମା' ମହମାୟା ସରସ୍ୱତୀ ଏହି ସମ୍ମିଳନୀର ମୁଖ୍ୟ ଆକର୍ଷଣ ଥିଲେ। ସାରା ରାଜ୍ୟରୁ ସହସ୍ରାଧିକ ଭକ୍ତ ଯୋଗ ଦେଇଥିଲେ। ମା' ମହାମାୟା ସରସ୍ୱତୀଙ୍କ ଆଦେଶ କ୍ରମେ ସମ୍ମିଳନୀ ପରିଚାଳନା କମିଟି ସଭାପତି ମୃତ୍ୟୁଚୈତନ୍ୟ ବ୍ରହ୍ମଚାରୀ, ଉପସଭାପତି ଚିତ୍ତଚୈତନ୍ୟ ବ୍ରହ୍ମଚାରୀ, ସମ୍ପାଦକ ପ୍ରୀତିରଞ୍ଜନ ପଟ୍ଟନାୟକ, ସହସମ୍ପାଦକ ରଞ୍ଜନ କୁମାର ଦାସଙ୍କ ସମେତ ଭୂଷଳ, ଭୁବନ ଅଞ୍ଚଳର ଭାଇ ଓ ମା'ମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ପବିତ୍ରମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ବନ୍ଧୁମିଳନ

କଣିହାଁ, ୧୧।୨(ସମିସ): ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ କଣିହାଁ ଠାରେ ୧୯୮୩ ମସିହା ଜ୍ୟେଷ୍ଠ ବିଭାଗର ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଙ୍ଗତ ପୂଜ୍ୟ ଶିକ୍ଷକ ଝରିଆ ପ୍ରଧାନ, ପ୍ରମୋଦ ଚନ୍ଦ୍ର ମହାନ୍ତି ଓ ସାଙ୍ଗ ସାଥୀମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ମାୟାଧର ସାମଲ, ବୃନ୍ଦାବନ ସାହୁ, ରାଜକିଶୋର ସାହୁ, ବାସନ୍ତୀ ଦେଇ, ଜଳଧର ସାହୁ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ଦାଶରଥି ଜେନା ପ୍ରମୁଖଙ୍କୁ ପୁରାତନ ଛାତ୍ରଛାତ୍ରୀବୃନ୍ଦ ସମ୍ମାନିତ କରିଥିଲେ। ଆସନ୍ତା ୨୦୨୫ ମସିହାରେ ପାଳିତ ହେବାକୁ ଥିବା ପ୍ଲାଟିନମ୍ ଜୁବିଲି ପାଳନ ପାଇଁ ସମସ୍ତ ଅକୁଣ୍ଠ ସାହାଯ୍ୟ କରିବେ ବୋଲି ପ୍ରତିଶୃତିବଦ୍ଧ ହେଲେ। ଆସନ୍ତା ଡିସେମ୍ବରରେ ପୁନଶ୍ଚ ଏକାଠି ମାତ୍ର ଅନୁଷ୍ଠାନରେ ମିଳିତ ହେବେ ବୋଲି ମତ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ନିହାର ରଞ୍ଜନ ପ୍ରଧାନ, ଥବିର୍ ସାହୁ, ନିରଞ୍ଜନ ପ୍ରଧାନ, ବସନ୍ତ ସାହୁ, ସିଦ୍ଧି ପ୍ରସାଦ ସାହୁ ସଂଯୋଜନା କରିଥିବା ବେଳେ କବିତା ନାୟକ, ଯଜ୍ଞାସେନୀ ଜେନା, ବିଜୟଲକ୍ଷ୍ମୀ ପ୍ରଧାନ, ସରୋଜ ମିଶ୍ର, ଟଙ୍କଧର ସାହୁ, କ୍ଷୀରୋଦ ଦାସ, ବିଜୟ ମହାନ୍ତି ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।



## ଅଗ୍ନିକାଣ୍ଡରେ ଜଳିଗଲା ଘର



**କୁଜଙ୍ଗ, ୧୧।୨(ସମିସ):** ଶନିବାର ସକାଳ ୭ଘଟିକାରେ କୁଜଙ୍ଗଥାନା ଅନ୍ତର୍ଗତ ପଙ୍କପାଳ ଗ୍ରାମର ନିରଞ୍ଜନ କରଙ୍କ ଏକ ବଖରା କୋଠଘରେ ଅଗ୍ନିକାଣ୍ଡ ଘଟି ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ପ୍ରକାଶ ଯେ, ନିରଞ୍ଜନଙ୍କ ପତ୍ନୀ ସକାଳୁ ଠାକୁର ପୂଜାକରି ଦୀପ ଲଗାଇଥିଲେ। ଦୀପରୁ ନିଆଁ ଲାଗିଯିବାରୁ ଅଗ୍ନିକାଣ୍ଡ ଘଟିଥିଲା। ଘରେ ଥିବା ସମସ୍ତ ଜିନିଷପତ୍ର ଓ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍ଯାପିତ




**ଡେରାବିଶ, ୧୧।୨(ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବନ୍ଧ ସ୍ଥିତ ଡେଲଟା ଉଚ୍ଚମାଧ୍ୟମିକ କଲେଜରେ ଦୀର୍ଘ ୧୦ ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍ଯାପିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ପ୍ରଦୀପ ଜେନା ସଭାପତିତ୍ୱ କରିଥିବା ବେଳେ ଅଧ୍ୟକ୍ଷ ଡକ୍ଟର ବିବେକାନନ୍ଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଅଶୋକ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ସ୍ନେହଲତା ବଳ ଆତ୍ମରକ୍ଷାର ବହୁ କୌଶଳ ସମ୍ପର୍କରେ ଶିକ୍ଷାଦାନ କରିଥିଲେ। ଅଧ୍ୟାପକ ସୁବ୍ରତ ଦାସ, ମହେଶ ଶତପଥି, ବିକାଶ ସ୍ୱାଇଁ, ମମତା ପଲେଇ, ଗଦାଧର ବେହେରା ପ୍ରମୁଖ ଉଦ୍ବୋଧନ ଦେଇ ଛାତ୍ରୀମାନେ ନେଇଥିବା ତାଲିମ କୌଶଳକୁ ଘରେ ଅଭ୍ୟାସ କରିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଅଧ୍ୟାପକ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା



**ପଟ୍ଟାମୁଣ୍ଡାଇ, ୧୧।୨(ସମିସ):** ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗୀତା ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ହାଇସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି ରଶ୍ମୀରଞ୍ଜନ ପ୍ରଧାନ ଉଦଘାଟନ କରିଥିଲେ। ଏଥିରେ ଦୌଡ, ଗଣିତ ଦୌଡ, ଲମ୍ବଡିଆଁ, ବେଲୁନ ରେସ, ଫ୍ରଗ ଜମ୍ପ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ଉଦ୍ଯାପନୀ ଉତ୍ସବରେ ସ୍କୁଲ ପରିଚାଳନା ବୋର୍ଡ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ଶାରୀରିକ ବିକାଶ ଓ ନିରୋଗ ଶରୀର ପାଇଁ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ସଚେତନ କରାଇଥିଲେ। ସୁସ୍ଥ ରହିବା ପାଇଁ ସରକାରଙ୍କର କୃମି ନିରୋଧ ଔଷଧ ସେବନ, ଫେବୃୟାରୀ ୧୦ ଓ ୧୭ ତାରିଖ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ସହିତ ଔଷଧ ବଣ୍ଟନ କରଯାଇଥିଲା। କ୍ରୀଡାକୁ ପିଇଟି ଆଶୁତୋଷ ପ୍ରଧାନ, ସେହେରାଜ ଖାତୁନ ଓ ଆଭା ଖାନୁମ ପରିଚାଳନା କରିଥିଲେ। ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଶିକ୍ଷକ/ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

**ରିଫାଇନାରୀରୁ କପର କେବୁଲ ଚୋରି**

## ବନ୍ଧାହେଲେ ଓଏସ୍ଏଲ୍ର ୨ କର୍ମଚାରୀ

**ପାରାଦୀପ, ୧୧।୨(ସମିସ):** ପାରାଦୀପ ଅଭୟଚାନ୍ଦ ପୁର ଥାନା ଅଞ୍ଚଳ ରିଫାଇନାରୀ ମଧ୍ୟରେ ଠିକା କାର୍ଯ୍ୟ କରୁଥିବା ଓଏସ୍ଏଲ୍ର ଜଣେ କର୍ମଚାରୀ ଓ ଅନ୍ୟଜଣେ ଡ୍ରାଇଭର ସୌମ୍ୟ ରଞ୍ଜନ ବେହେରା ଓ ଅଚ୍ୟୁତାନନ୍ଦ ସ୍ୱାଇଁ ରିଫାଇନାରୀ ମଧ୍ୟରୁ କପର କେବୁଲ ଚୋରି କରି ଆଣୁଥିବା ବେଳେ ସିଆଇଏସ୍ଏଫ୍ ଦ୍ୱାରା ଧରାପଡ଼ିଥିଲେ। ଉଭୟଙ୍କୁ ସିଆଇଏସଏଫ କର୍ମଚାରୀ ଅଭୟଚାନ୍ଦପୁର ଥାନାକୁ ହସ୍ତାନ୍ତର କରିଥିଲେ। ଏହାପରେ କୋର୍ଟ ଚାଲାଣ କରାଯାଇଥିଲା।

**ଭାଙ୍ଗିଗଲାଣି ତାରବାଡ଼; ଚୁପ୍ ବସିଛି ବନ ବିଭାଗ**

# କୁମ୍ଭୀର ଭୟରେ ନଦୀକୁ ଯାଉନାହାନ୍ତି ଲୋକେ

**କେନ୍ଦ୍ରାପଡ଼ା, ୧୧।୨(ସମିସ)**





ନଦୀକୂଳିଆ ଜୀବନ ଏବେ ବିପଦରେ ପଡ଼ିଛି। ମାଳ ମାଳ କୁମ୍ଭୀର ଘୂରି ବୁଲୁଛନ୍ତି। କାହାର କେତେବେଳେ ଜୀବନ ଯିବ କେହି ହେବନାହିଁ। କୁମ୍ଭୀର ଦାଉରୁ ରକ୍ଷା କରିବାକୁ ହୋଇଥିବା ତାର ବାଡ ଭାଙ୍ଗିଗଲାଣି। କୁମ୍ଭୀର ଭୟରେ ଭୟଭୀତ ହୋଇ ଲୋକେ ରହିଛନ୍ତି। ତାର ବାଡ ସଜାଡ଼ିବା ପରିବର୍ତ୍ତେ ବନ ବିଭାଗ ଚୁପ୍ ବସିଛି। ନଦୀ କୁଳିଆ ଲୋକଙ୍କ ପାଇଁ କୁମ୍ଭୀର ଆକ୍ରମଣର ଭୟ ଘାରିଛି। ବିପର୍ଯ୍ୟସ୍ତ ତାରବାଡ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି। ନଦୀରେ ପାଦ ରଖିବାକୁ ଭୟ ଲାଗୁଛି।

ଦିନ ଥିଲା ସାଧାରଣ ବ୍ୟବହାର କାର୍ଯ୍ୟ ପାଇଁ ନଦୀ ଉପରେ ସମସ୍ତେ ନିର୍ଭର କରୁଥିଲେ। ହେଲେ କୁମ୍ଭୀରମାନଙ୍କ ପ୍ରାଦୁର୍ଭାବ ବଢ଼ିବା ପରେ ଲୋକ ନଦୀରେ ପାଦ ରଖିବାକୁ ଭୟ କଲେଣି। ଲୋକମାନଙ୍କ ସୁରକ୍ଷିତ ବ୍ୟବହାର ନିମନ୍ତେ ବନବିଭାଗ ତରଫରୁ ତାରବାଡର ବ୍ୟବସ୍ଥା କରାଯାଇଥିଲା। ହେଲେ ତାହା ଏବେ ଭାଙ୍ଗିରୁଜ୍ଜି ଗଲାଣି। ତାରଜାଲି ଉଭାନ ହୋଇଯାଇଛି। କେବଳ ସିମେଣ୍ଟ ଖୁଣ୍ଟ ଅସ୍ତିତ୍ୱ ହରାଇଲା ଭଳି ପଡ଼ି ରହିଛି। ଯାହା ଫଳରେ ଏବେ ନଦୀ ତୁଠକୁ ଯିବାକୁ ଭୟ ଲାଗୁଛି। ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତର ଓରତ, ଓଳିହା, ଦେଉଳପଡ଼ାରେ କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ଏବେ ନଷ୍ଟ ହୋଇଯାଇଛି। ଯାହାର ମରାମତି ନିହାତି ଆବଶ୍ୟକ ବୋଲି ସାଧାରଣ ଲୋକେ ମତ ଦେଇଛନ୍ତି।

ସେହିପରି ବାଙ୍କିଛନ୍ଦା ଗ୍ରାମରେ ଲୋକମାନେ ଜୀବନକୁ ପାଣି ଛଡାଇ ନଦୀପାଣିକୁ ବ୍ୟବହାର କରୁଛନ୍ତି। ଏମାନଙ୍କ ପାଇଁ ବନବିଭାଗ ତରଫରୁ କୌଣସି ସୁରକ୍ଷା କାର୍ଯ୍ୟକ୍ରମ କରାଯାଇ ନାହିଁ। କେବଳ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦେଇ ବନବିଭାଗ ଚୁପ୍ ବସିଛି। ପୂର୍ବରୁ ଲୋକମାନେ କୁମ୍ଭୀର ଆକ୍ରମଣର ଶିକାର ହୋଇ ସାରିଛନ୍ତି। ଏହିସବୁ ଅଞ୍ଚଳର ଜୀବନ ସୁରକ୍ଷିତ ରଖିବା ପାଇଁ ବନବିଭାଗ ତରଫରୁ ଏକ ପ୍ରତିନିଧି ଦଳ ଉକ୍ତ ପଞ୍ଚାୟତକୁ ସମୀକ୍ଷା କରି ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ ଓ ନଷ୍ଟ ହୋଇଯାଇଥିବା ସୁରକ୍ଷା ବାଡ ମରାମତି କରାଇବା ପାଇଁ ସମାଜସେବୀ ପ୍ରଭାତ ରଞ୍ଜନ ଜେନା ଦାବି କରିଛନ୍ତି।

## ଠାକୁର ଅଭିରାମ ପରମହଂସଙ୍କ ଜୟନ୍ତୀ

**ରାଜନଗର, ୧୧।୨(ସମିସ):** ରାଜନଗର ବ୍ଲକ ତହସିଲ କଲୋନୀସ୍ଥିତ ସେବାଶ୍ରମ ପରିସରରେ ଠାକୁର ଅଭିରାମ ପରମହଂସ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଠାକୁରଙ୍କ ନୀତିକାନ୍ତି ବିଧି ଅନୁସାରେ ଅନୁଷ୍ଠିତ ହୋଇଥିଲା। ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ସହଯୋଗରେ ଠାକୁରଙ୍କ ଦିବ୍ୟ ମନ୍ଦିର ପରିସର ମଧ୍ୟରେ ଏହି ଉତ୍ସବ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସମାଗମରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ପରିଡ଼ା, ବଟକୃଷ୍ଣ ପରିଡ଼ା, ପ୍ରଫୁଲ୍ଲ ଦାସ, ଚନ୍ଦ୍ରମଣି ସାହୁ, ଅଭିନ୍ନ ଦାସ, ବାସୁଦେବ ଦାସ, ନୃସିଂହ ଲେଙ୍କା, ଅଭିରାମ ପତି, କୁମର ମଳିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ରାଜନଗର ବ୍ଲକ ରାଣୀପୋଖରୀ ନିକଟରେ ଥିବା ଅଭିରାମ ସେବାଶ୍ରମରେ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ରାତି ପର୍ଯ୍ୟନ୍ତ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ଗାନ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ସେବକ ଅଭୟ ଦାସ, ରବି ନାରାୟଣ ଲେଙ୍କା, ଉମାକାନ୍ତ ବିଶ୍ୱାଳ, କିଶୋର ଚନ୍ଦ୍ର ଦାସ, ଚନ୍ଦ୍ରଭାନୁ ସାମଲ, ନିରଞ୍ଜନ ମହାରଣା, ଶ୍ରୀଧର ମହାରଣା, ବିଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବିଭିନ୍ନ ପଞ୍ଚାୟତରେ 'ଘରେ ଘରେ ଶଙ୍ଖ'



**ରାଜନଗର, ୧୦।୨(ସମିସ):** ରାଜନଗର ବ୍ଲକର ତାଳଚୁଆ, ବାଘମାରୀ, ସାତଭାୟା, ସାନବଡଗୋପାଳପୁର ପଞ୍ଚାୟତରେ ବିଧାୟକ ଧ୍ରୁବ ସାହୁଙ୍କ ଆହ୍ୱାନକ୍ରମେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦଳୀୟ କର୍ମୀମାନେ ଘରକୁ ଘର ବୁଲି ଘରର କବାଟ ଓ କାନ୍ଥରେ ଶଙ୍ଖ ଚିହ୍ନ ମାରିବା ସହ ରାଜ୍ୟ ସରକାରଙ୍କ ଯୋଜନାର ସୁଫଳ ପାଇଛନ୍ତି ନା ନାହିଁ, ସେମାନଙ୍କର କ'ଣ ଅସୁବିଧା ରହିଛି, ରାଜ୍ୟ ସରକାରଙ୍କ ଲୋକହିତକର ଯୋଜନାରେ କେତେ ଖୁସି ଅଛନ୍ତି ପଚାରି ବୁଝିଛନ୍ତି। କାର୍ଯ୍ୟକ୍ରମରେ ତାଳଚୁଆ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ବ୍ଲକ ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ଦେବ ଦୁଲାଲ ମଣ୍ଡଳ, ସରପଞ୍ଚ ସ୍ୱର୍ଣ୍ଣଲତା ମଣ୍ଡଳ, କୃଷ୍ଣଚନ୍ଦ୍ର ମଣ୍ଡଳ, ଭଜହରି ମଣ୍ଡଳ, କାର୍ତ୍ତିକ ଦଳପତି, ମହମ୍ମଦ ଅଲ୍ଲୀ ସାହା, ପ୍ରଦୀପ ଜାନା, ସାତଭାୟା ପଞ୍ଚାୟତର ପର୍ଯ୍ୟବେକ୍ଷକ ନରହରି ଜେନା, ମଙ୍ଗୁଳି ଦାସ, ସରପଞ୍ଚ ପ୍ରସନ୍ନ ପରିଡ଼ା, ନିରଞ୍ଜନ ସ୍ୱାଇଂ, ରଶ୍ମୀ ରଞ୍ଜିତା ସ୍ୱାଇଁ, ନିଗମାନନ୍ଦ ସ୍ୱାଇଁ, ରାଜକିଶୋର ଲେଙ୍କା, ଦିବ୍ୟ ଲୋଚନ ରାଉତ, ସୁରତ ମଳିକ, ଗଣେଶ୍ୱର ମଳିକ, ଦୁର୍ଯ୍ୟୋଧନ ମଳିକ, ଅଞ୍ଜନ ରାଉତ, ସାନବଡଗୋପାଳପୁର ପଞ୍ଚାୟତର ପର୍ଯ୍ୟବେକ୍ଷକ ବିଜୟ ନାୟକ, ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ନରହରି ଜେନା, ସୁଧାକର ପ୍ରଧାନ, ସୁରେଶ ଚନ୍ଦ୍ର ଘଡେଇ, କଳ୍ପତରୁ ଜେନା, ବାଇଧର ପ୍ରଧାନ, ଭାରତୀ ପ୍ରଧାନ, ମଞ୍ଜୁଲତା ବଳ, ସୁଶାନ୍ତ କୁଣ୍ଡ, ମନୋରଞ୍ଜନ ବଳ, ପ୍ରମୋଦ ରାଉତ, ଧର୍ମାନନ୍ଦ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ସାହୁ, କ୍ଷୀରୋଦ ରାଉତ, ଶୈଳେନ୍ଦ୍ର ବିଶ୍ୱାଳ, ସେହିପରି ବାଘମାରୀ ପଞ୍ଚାୟତର ସରପଞ୍ଚ ଭବାନୀ ପାତ୍ର, ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ, ମୁକ୍ତିକାନ୍ତ ପାତ୍ର, ଜୟଦେବ ପ୍ରଧାନ, ଦିଲ୍ଲୀପ ପଣ୍ଡା, ବାସୁଦେବ ଗିରି, ଦେବବ୍ରତ ଗିରି, ଲାଲୁ ଜେନା ପ୍ରମୁଖ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।

## ପୁଷ୍ପଲତା ଖଣ୍ଡୁଆଳ ସ୍ମୃତି ପରିଷଦ ପକ୍ଷରୁ ୫ ଆଶାକର୍ମୀ ସମ୍ବର୍ଦ୍ଧିତ



**ରାଜନଗର, ୧୧।୨(ସମିସ):** ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବାର୍ହାପୁର ଗ୍ରାମର କର୍ତ୍ତବ୍ୟରତ ଆଶାକର୍ମୀ ପୁଷ୍ପଲତା ଖଣ୍ଡୁଆଳଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ସ୍ମୃତିରେ ଗଠିତ ପୁଷ୍ପଲତା ଖଣ୍ଡୁଆଳ ସ୍ମୃତି ପରିଷଦ ତରଫରୁ ଏକ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଥାକାର ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ହେମନ୍ତ କୁମାର ରାଉତ, କଥାକାର ରତ୍ନାକର ନାୟକ, ସମାଜସେବୀ କୈଳାସ ଚନ୍ଦ୍ର ମହାନ୍ତି, ଉମେଶ ଚନ୍ଦ୍ର ଜେନା, ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଆଶାକର୍ମୀ ସ୍ୱର୍ଗୀୟା ଖଣ୍ଡୁଆଳଙ୍କ କର୍ତ୍ତବ୍ୟନିଷ୍ଠା ଓ କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ଆଲୋଚନା କରିବା ସହିତ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ନିଷ୍ଠାର ସହିତ କର୍ତ୍ତବ୍ୟ ସମ୍ପନ୍ନ କରି ଆସୁଥିବା ସାନଓରର ମିନତୀ ସାମଲ, ତରପଦାର କବିତା ରାଉତ, ରାଜନଗରର ଶାନ୍ତିଲତା ସାହୁ, କୁରଣ୍ଟିର ରଞ୍ଜୁଲତା ରାଉତ, ଦାଣ୍ଡୀର ଦମୟନ୍ତୀ କୁଣ୍ଡ ପ୍ରମୁଖ ୫ଜଣଙ୍କୁ ପୁଷ୍ପଲତା ଖଣ୍ଡୁଆଳ ସ୍ମୃତି ସେବା ସମ୍ମାନରେ ମାନପତ୍ର, ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରବୀନ୍ଦ୍ର ଖଣ୍ଡୁଆଳ, ପ୍ରେମାନନ୍ଦ ଖଣ୍ଡୁଆଳ, ପ୍ରମୋଦ ଖଣ୍ଡୁଆଳ, ଜାମିନୀ ଖଣ୍ଡୁଆଳ, ନୀଳମଣି ଖଣ୍ଡୁଆଳ, ହିମାଂଶୁ ରାଉତ, ପିଣ୍ଟୁ ରାଉତ ପ୍ରମୁଖ ପରିଚାଳନା କରିଥିଲେ। କୋଇଲିପୁର ସମିତିସଭ୍ୟ ଅଭୟ ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍ତ୍ତେଶ୍ୱରଙ୍କ ପୀଠରେ ତ୍ରିବେଣୀ ମେଳା

**ଡେରାବିଶ, ୧୧।୨(ସମିସ):** ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ସ୍ଥିତ ଆର୍ତ୍ତେଶ୍ୱରଙ୍କ ପୀଠରେ ଶୁକ୍ରବାର ଠାରୁ ପବିତ୍ର ତ୍ରିବେଣୀ ଅମାବାସ୍ୟା ତିଥିରେ ଆରମ୍ଭ ହୋଇଥିବା ତ୍ରିବେଣୀ ମେଳା ଓ ବିଶ୍ୱ କଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ତେବେ ଆଜିର ସନ୍ଧ୍ୟାରେ ମେଳା ପଡ଼ିଆରେ ଦର୍ଶକଙ୍କ ଗହଳି ବୃଦ୍ଧି ପାଇଥିବା ବେଳେ ଯଜ୍ଞ ମଣ୍ଡପ ଓ ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ କମିଟି ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଦର୍ଶକଙ୍କୁ ବିଭୋର କରିଥିଲା। ମେଳାରେ ପଡ଼ିଥିବା ରାମଦୋଳି, ଘରକରଣା ସାମଗ୍ରୀ ବ୍ୟବସାୟ ଓ ଫାଷ୍ଟଫୁଡ୍ ଦୋକାନରେ ମହିଳା ଓ ପିଲାଙ୍କ ଭିଡ଼ ଅଧିକ ଦେଖିବାକୁ ମିଳିଥିଲା। ୫ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ମେଳା ମଙ୍ଗଳବାର ଶେଷ ହେବ ବୋଲି କମିଟିର ସମ୍ପାଦକ ନାରାୟଣ ଲେଙ୍କା ସୂଚନା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ ଆର୍ତ୍ତେଶ୍ୱରଙ୍କ ଦର୍ଶନ କରିବା ସହ ଆୟୋଜିତ ମେଳାକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ଡାଃ ଧର୍ମେନ୍ଦ୍ର ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାରେ ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସେବା ଶିବିର ଓ ଗୋବରୀ ସେବା ସଂଗଠନ ପକ୍ଷରୁ ଦର୍ଶକଙ୍କୁ ଚାହା ବଣ୍ଟନ କରାଯାଉଥିବା ବେଳେ ନିକିରାଇ ଥାନା ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ମୁତୟନ କରାଯାଇଛି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ରାଜନଗର, ୧୦।୨(ସମିସ)**

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ମା'ଜୟଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଡାଙ୍ଗମାଳ ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ବେହେରା ସଭାପତି ଓ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ତାଳଚୁଆ ସାମୁଦ୍ରିକ ଥାନା ଅଧିକାରିଣୀ ସସ୍ମିତା ସାହୁ, ରାଜନଗର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଶାରଦା ପ୍ରସାଦ ନାୟକ, ଜିଲ୍ଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ସରପଞ୍ଚ ଦ୍ରୌପଦୀ ସେଠୀ, ସମିତିସଭ୍ୟ ଶ୍ରୀଚରଣ ଦାସ, ପୂର୍ବତନ ସରପଞ୍ଚ କାନ୍ତିଲତା ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଦାସ, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଡାଙ୍ଗମାଳ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମାଜସେବୀ ଚିନ୍ମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସ୍ୱର୍ଗତ ବିଦ୍ୟାଧର ଲେଙ୍କାଙ୍କ ଧର୍ମପତ୍ନୀ କନକଲତା ବେହେରା, ଡାଙ୍ଗମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଜମି ଦାନ କରିଥିବା ସ୍ୱର୍ଗତ ଗୁଣାଧର ମାନା, ଅଞ୍ଚଳର ସୁନାମଧନ୍ୟ ଛାତ୍ରୀ ସ୍ୱାଗତୀକା ବେଦୀ ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଷ୍ଣୁ ଚରଣ ରାଜ, ରଘୁନାଥ ବେହେରା, ପ୍ରଭାତ ବେହେରା, ଅଜୟ ବେହେରା, ଜନକର ନାୟକ, ସୁବ୍ରତ ଦଳାଇ, ବିନୋଦିନୀ ସେଠୀ, ବିଶ୍ୱମ୍ବର ବେହେରା, ରଞ୍ଜନ ବେହେରା, ରାମେଶ୍ୱର ବେରା, ତଥାଗତ ବାରିକ, ପ୍ରଦୀପ କୁଣ୍ଡ, ତ୍ରିଲୋଚନ ବାରିକ, ରବୀନ୍ଦ୍ର ସିଂ, ସୁଶାନ୍ତ କୁମାର ବେହେରା ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ, ଜିଆରଏସ ମୁକ୍ତିପଦ ମଣ୍ଡଳ ଏବଂ ସମସ୍ତ ୱାର୍ଡ ସଭ୍ୟ, ସଭ୍ୟାମାନେ ପରିଚାଳନା କରିଥିଲେ।

## କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



**ଡେରାବିଶ, ୧୧।୨(ସମିସ):** ଡେରାବିଶ ଶିକ୍ଷା ମଣ୍ଡଳ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ କେଉଟ କଣ୍ଠିଆ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ କୁସୁନପୁର କ୍ଲଷ୍ଟର ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍ଯାପିତ ହୋଇଛି। ଏହି ଅବସରରେ ସିଆରସିସି ଅଶୋକ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ସମ୍ମାନିତ ଅତିଥିଭାବେ ଏଣ୍ଡରୀ ସମିତିସଭ୍ୟ ପ୍ରଫୁଲ୍ଲ ସେଠୀ, ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରତିଭାର ଉନ୍ମୋଚନ ପାଇଁ କ୍ରୀଡ଼ା ପ୍ରତିଯୋଗିତା ଏକ ଅବିଚ୍ଛେଦ୍ୟ ଅଙ୍ଗ ଉପରେ ଆଲୋକପାତ କରିଥିଲେ। ଏଥିସହିତ ପ୍ରତ୍ୟେକ ଛାତ୍ରୀଛାତ୍ର ଶିକ୍ଷା ଅଧ୍ୟୟନ ସହ ନିଜକୁ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ସେଠି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ମାନସ ରନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦୁଇଦିନିଆ କ୍ରୀଡ଼ାକୁ ସଚିକାନ୍ତ ମିଶ୍ର ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଯୋଗ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶିତ ନୃତ୍ୟଗୀତ ଉତ୍ସବକୁ ବିଭୋର କରିଥିଲା।

